بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 34

ବାର୍ଷିକ ଦେୟ : 600/-

26 ସଫର୍ 1447 ହି.କ, 21 ଜହୁର୍ 1404 ହି.ଶ, 21 August 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

فَمِنَ النَّاسِ مَنۡ یَّقُوۡلُ رَبَّنَاۤ اٰتِنَا فِی الدُّنۡیَا وَمَا لَهٗ فِی الۡاٰخِرَۃِ مِنۡ خَلَاقٍ

(ଅଲ୍ ବକ୍ରାହ୍ 201)

ଏବଂ ଲୋକମାନଙ୍କ ମଧ୍ୟରୁ କେତେକ ଲୋକ କହନ୍ତି, ହେ ଆମ୍ଭମାନଙ୍କ ପାଳନକର୍ତ୍ତା ! ଆମ୍ଭମାନଙ୍କୁ ଏହି ପୃଥିବୀରେ ହିଁ କଲ୍ୟାଣ ପ୍ରଦାନ କର ଏବଂ ପରକାଳରେ ସେମାନଙ୍କର କୌଣସି ଭାଗ ରହିବ ନାହିଁ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**କୌଣସି ବ୍ୟକ୍ତିର ଉପସ୍ଥିତିରେ ତା'ର ପ୍ରଶଂସା କରିବାକୁ ଆଁହଜରତ ଅପ୍ରିୟ ବୋଲି ମନେକରିଛନ୍ତି ।**

ହ. ଅବ୍ଦୁର୍ ରହମାନ ବିନ୍ ବିକ୍ରାହ୍ ର.ଅ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ନବୀ କରୀମ୍ ସ.ଅଙ୍କ ପାଖରେ ଜଣେ ବ୍ୟକ୍ତି ଅନ୍ୟ ଏକ ବ୍ୟକ୍ତିର ପ୍ରଶଂସା କଲା ସେତେବେଳେ ଆଁହଜରତ ସ.ଅ କହିଲେ, ହେ ବ୍ୟକ୍ତି ! ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ତୁ ନିଜ ସାଥିର (ସାଙ୍ଗର) ସ୍କନ୍ଧଚ୍ୟୁତ କରିଦେଲୁ? ଉକ୍ତ ବାଣୀ ଆପଣ ସ.ଅ ଅନେକ ଥର ପୁନରାବୃତ୍ତି କଲେ । ଆପଣ ସ.ଅ ପୁନଶ୍ଚ କହିଲେ, ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ନିଜ ଭାଇର ଯଦି ପ୍ରଶଂସା କରିବାକୁ ଚାହୁଁଛି ତେବେ ସେ ଏହିପରି କହୁ କି ଅମକ ବ୍ୟକ୍ତିକୁ ମୁଁ ଏହିପରି ମନେକରୁଛି ଏବଂ ଅଲ୍ଲାଃତାଲା ହିଁ ଏହି ସମସ୍ତ ପ୍ରସଙ୍ଗ ପ୍ରତି ଭଲ ଭାବରେ ଅବଗତ ଅଟନ୍ତି । ମୁଁ ଅଲ୍ଲାଃତାଲାଙ୍କ ସମ୍ମୁଖରେ କାହାରିକୁ ଖୁଣହୀନ ବୋଲି କହି ପାରିବି ନାହିଁ । ମୁଁ ଭାବୁଛି ଯେ, ସେ ଏହିପରି ଏହିପରି ଗୁଣର ଅଧିକାରୀ ଅଟେ । ସେହି ବ୍ୟକ୍ତି ବର୍ଣ୍ଣନା କରିପାରିବ । କିନ୍ତୁ ସର୍ତ୍ତ ଏହିକି ଯେ, ସେହି ବ୍ୟକ୍ତିକୁ ଅମକ ବ୍ୟକ୍ତିକୁ ସେହିପରି ଭବାରେ ଜାଣିଥିବା ଉଚିତ୍ ।

**ବ୍ୟାଖ୍ୟା:** ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଉକ୍ତ ହଦିସ୍‌ର ବ୍ୟାଖ୍ୟା କରି କୁହନ୍ତି ଯେ, କୌଣସି ବ୍ୟକ୍ତିର ଉପସ୍ଥିତିରେ ତା'ର ପ୍ରଶଂସା କରିବାକୁ ଆଁହଜରତ ଅପ୍ରିୟ ବୋଲି କହିଛନ୍ତି । କେବଳ ଏପରି ପ୍ରଶଂସା ଅନୁଚିତ ନୁହେଁ ବରଂ ପ୍ରଶଂସିତ ବ୍ୟକ୍ତିକୁ ଆତ୍ମ ବଡ଼ିମା ଗ୍ରସ୍ତ କରିବାର କାରଣ ହୋଇପାରେ । ଏତଦ୍‌ଭିନ୍ନ ଆବଶ୍ୟକ ସ୍ଥଳେ ପ୍ରଶଂସା ଶବ୍ଦରେ ସତର୍କତା ମଧ୍ୟ ଅବଲମ୍ବନ କରିବା ଉଚିତ୍ । ଯେପରିକି ଆଁହଜରତ ସ.ଅ କହିଛନ୍ତି, فَلْيَقُلْ أَحْسِبُ فُلَانًا وَاللّٰهُ حَسِيبُهُ.....ରୁ ଆଁହଜରତ ସ.ଅ ଏହି ନୀତିଶିକ୍ଷା ପ୍ରଦାନ କରିଛନ୍ତି ।

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଯେଉଁ ବ୍ୟକ୍ତି ହିତ ସାଧନକାରୀ ହୋଇଥାଏ, ସେହି ବ୍ୟକ୍ତି ନିଜ ଧର୍ମର ସେବକ ହୋଇଥାଏ । ଅଲ୍ଲାଃତାଲା ସ୍ୱତଃସ୍ଫୁର୍ତ୍ତଃ ସେହି ବ୍ୟକ୍ତିକର ବୟସ ଏବଂ ସ୍ୱାସ୍ଥ୍ୟରେ କଲ୍ୟାଣ ପ୍ରଦାନ କରିଦେଇ ଥାଆନ୍ତି ।**

**ଜୀବନର ଇଚ୍ଛା ଅର୍ଥାତ୍ ଜୀବନ (ଜିଇଁବା) ନିମନ୍ତେ କାମନା କରିବା ପାପର ମୂଳ କାରଣ ଅଟେ :**

ହୁଜୁର ଅ.ସ କୁହନ୍ତି:"ଅନେକ ସମୟରେ ଏହା ଦେଖିବାକୁ ମିଳିଛି ଯେ, ଜୀବନ ଯାପନ କରିବା ନିମନ୍ତେ ଅଧିକ ଇଚ୍ଛା ପ୍ରକାଶ କରିବା (କାମନା କରିବା) ପାପ ଏବଂ ଅନ୍ୟ ଦୋଷ ଦୁର୍ବଳତାର ମୂଳ କାରଣ ହୋଇଥାଏ । ଆମର ବନ୍ଧୁମାନଙ୍କ ନିମନ୍ତେ ଏହା ଅପରିହାର୍ଯ୍ୟ କି ସେମାନେ ଈଶ୍ୱରଙ୍କ ପ୍ରକୃତ ସଦିଚ୍ଛା ତଥା ତାହାଙ୍କ ପ୍ରସନ୍ନତା ପ୍ରାପ୍ତିରେ ନିଜର ବହୁମୂଲ୍ୟ ସମୟକୁ ଅତିବାହିତ କରିବା ନିମନ୍ତେ ସର୍ବଦା ଉଦ୍ୟମ ଜାରି ରଖନ୍ତୁ । ଏହା ହିଁ ଉପଦେଶର ସାରମର୍ମ ଅଟେ । ଅନ୍ୟଥା ଆଜି ଚାଲିଯିବାରେ ଏବଂ 50 ବର୍ଷ ପରେ ଚାଲିଯିବାରେ କେଉଁ ଅନ୍ତର ରହିଛି ? ଆଜି ଯେଉଁ ସୂର୍ଯ୍ୟ ରହିଛି ସେହି ସୂର୍ଯ୍ୟ 50 ବର୍ଷ ପରେ ମଧ୍ୟ ଥିବ । ତେଣୁ ଯେଉଁ ବ୍ୟକ୍ତି ହିତ ସାଧନକାରୀ ହୋଇଥାଏ ସେହି ବ୍ୟକ୍ତି ନିଜ ଧର୍ମର ସେବକ ହୋଇଥାଏ । ଅଲ୍ଲାଃତାଲା ସ୍ୱତଃସ୍ଫୁର୍ତ୍ତ ସେହି ବ୍ୟକ୍ତିର ବୟସ ଏବଂ ସ୍ୱାସ୍ଥ୍ୟରେ ଅଜସ୍ର କଲ୍ୟାଣ ପ୍ରଦାନ କରିଥାଆନ୍ତି ।"

ହୁଜୁର ଅ.ସ କହିଲେ, "ମୋର ବୟସ ତିରିଶି ବର୍ଷରୁ ଟିକିଏ ଊର୍ଦ୍ଧ୍ୱ ଯେତେବେଳେ ହେଲା ସେତେବେଳେ ଅଲ୍ଲାଃତାଲା ମୋତେ ସ୍ପଷ୍ଟ ଶବ୍ଦରେ କହିଲେ, "ଭକ୍ତ ! ତୁମ୍ଭର ବୟସ ୫୦ ବର୍ଷ କିମ୍ବା ୫୦ରୁ ଊର୍ଦ୍ଧ୍ୱ ବର୍ଷ ଅବା ୫୦ ବର୍ଷରୁ ନ୍ୟୁନ ହେବ"। ତହିଁରେ ମଧ୍ୟ ଏକ ରହସ୍ୟ ନିହିତ ରହିଛି ଯେ, ମୋ ଉପରେ ଯେଉଁ କାର୍ଯ୍ୟ ନ୍ୟସ୍ତ କରାଯାଇଛି । ଉକ୍ତ ଅବଧି ମଧ୍ୟରେ ହିଁ ସେହି କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଯଥେଷ୍ଟ । ଅତଏବ୍ ମୋତେ ନିଜର ଅସୁସ୍ଥତା, ରୋଗାବସ୍ଥା ଓ ମୃତ୍ୟୁର ଭୟ ନାହିଁ । ଅର୍ଥାତ୍ ମୁଁ ଯଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରେ ତେବେ ମଧ୍ୟ ମୁଁ ଦୁଃଖିତ ହେବି ନାହିଁ ।"

ହୁଜୁର ଅ.ସ କହିଲେ, "ମୁଁ ଭଲ ଭାବରେ ମନେରଖିଛି ଯେ, ଯେଉଁ ବୃକ୍ଷ ତଳେ ମୁଁ 6, 7 ବର୍ଷ ବୟସରେ ଖେଳୁଥିଲି ଆଜି ସେହି ବୃକ୍ଷଗୁଡ଼ିକ ସେହିପରି ସବୁଜିମା ଦଣ୍ଡାୟମାନ ହୋଇ ରହିଛନ୍ତି । କିନ୍ତୁ ମୁଁ ଯେତେବେଳେ ନିଜର ଅବସ୍ଥା ତଥା ସ୍ଥିତିକୁ ଅନୁଧ୍ୟାନ କରେ ସେତେବେଳେ ମୁଁ ଅନ୍ୟ କିଛି ଦେଖିବାକୁ ପାଇଥାଏ । ତୁମେମାନେ ମଧ୍ୟ ଏହାକୁ ନିଜେ ଅନୁଭବ କରିପାରିବ ।"

ସମକାଳୀନମାନଙ୍କର ବ୍ୟଙ୍ଗ ବିଦ୍ରୂପ ଏବଂ ନିନ୍ଦା ଭର୍ତ୍ସନାକୁ ମୂଲ୍ୟବାନ୍ ବୋଲି ମନେକରନ୍ତୁ । ତହିଁରେ ହିଁ ଆତ୍ମାକୁ ସଂସ୍କାର କରିବା ନିହିତ ଓ ପରିକଳ୍ପିତ ଅଟେ । ଯେତେବେଳେ ଏହି ବ୍ୟଙ୍ଗ ବିଦ୍ରୂପ ଏବଂ ନିନ୍ଦା ଭର୍ତ୍ସନାକାରୀମାନେ ହେବେ ନାହିଁ ତେବେ ଈଶ୍ୱରଙ୍କ ସେବା କରିବା ଏବଂ ଉପାହର ଭେଟି ଇତ୍ୟାଦି ବସ୍ତୁର ପ୍ରଭୁଙ୍କ ନିକଟରେ କୌଣସି ମୂଲ୍ୟ ନାହିଁ? ଆପଣମାନେ ରୋଗ ସଂପର୍କରେ ଚିନ୍ତିତ ହେଉଛନ୍ତି। ତୁମମାନଙ୍କର ପୂର୍ବ ଭାଇମାନେ ଅର୍ଥାତ୍ ସାହାବାମାନେ ପ୍ରାଣୋତ୍ସର୍ଗ କରିବା ନିମନ୍ତେ ବୈଅତ୍ କରୁଥିଲେ । ସେହି ସାହାବାମାନେ ପ୍ରତ୍ୟେକ ପରିସ୍ଥିତି ଏବଂ ପ୍ରତ୍ୟେକ ଅବସ୍ଥାରେ ଅପେକ୍ଷାରତ ରହୁଥିଲେ କି ସେହି ସମୟଟି କେତେବେଳେ ଆସିବ ଏବଂ ସେମାନେ ଈଶ୍ୱରଙ୍କ ମାର୍ଗରେ ନିଜର ପ୍ରାଣକୁ ପ୍ରକୃତ ରୂପେ ଉତ୍ସର୍ଗ କରିଦେବେ । ତେଣୁ ପ୍ରତ୍ୟେକ ପରିସ୍ଥିତି ଓ ପ୍ରତ୍ୟେକ ଅବସ୍ଥାରେ ଅର୍ଥାତ ସ୍ୱାସ୍ଥ୍ୟାବସ୍ଥାରେ ଏବଂ ଅସୁସ୍ଥାବସ୍ଥାରେ ତୁମମାନଙ୍କୁ ନିଜର ପ୍ରସଙ୍ଗ ଈଶ୍ୱରଙ୍କ ସହିତ ଠିକ୍ ରଖିବା ଉଚିତ୍ । ଏପରି କରିବା ଦ୍ୱାରା ଆପଣମାନଙ୍କର ସମସ୍ତ କାର୍ଯ୍ୟ ଉତ୍ତମ ହୋଇଯିବ । **(ମଲଫୁଜାତ୍, ଭାଗ-2, ପୃ-80-81, ସଂସ୍କରଣ ବର୍ଷ-2018 ମସିହା)**

☆--☆--☆

**ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ନମାଜର ନିୟମାନୁବର୍ତ୍ତୀ ହେଉ, ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଆନିର୍ବାଯ୍ୟ କି ସେ ନମାଜଗୁଡ଼ିକୁ ଯଥା ସମୟରେ ପାଠ କରୁ । ସେହିପରି ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ବାଜମାଅତ୍ (ସାମୂହିକ)ନମାଜ୍ ପାଠ କରୁ । ପ୍ରତ୍ୟେକ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ନମାଜ ମଧ୍ୟରେ ନିମଗ୍ନ ଅବସ୍ଥା ସୃଷ୍ଟି କରୁ । ନମାଜ୍ ମଧ୍ୟରେ ସେ ନିଜକୁ ଏତେ ନିମଗ୍ନ କରିଦେଉ ଅର୍ଥାତ୍ ହଜାଇ ଦେଉ କି ରସୁଲ୍ କରୀମ୍ ସ.ଅଙ୍କ କଥନ ଅନୁଯାୟୀ ସେ ଈଶ୍ୱରଙ୍କୁ ଦେଖୁଥିବ ଅବା ସେ ନିଜ ମନରେ ଏହି ବିଶ୍ୱାସ ରଖୁଥିବ ଯେ, ଈଶ୍ୱର ତା'କୁ ଦେଖୁଛନ୍ତି ।**

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 10 وَالَّذِيْنَ هُمْ عَلٰى صَلَوٰتِهِمْ يُحَافِظُوْنَ ର ବ୍ୟାଖ୍ୟା କରି କୁହନ୍ତି: "**ବିଶ୍ୱାସର ଷଷ୍ଠ ସ୍ତର** ହେଉଛି ନଓାଫିଲ୍ **(ଅବଶିଷ୍ଟାଂଶ.... ପରବର୍ତ୍ତୀ ପୃଷ୍ଠାରେ)**

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ପାଠ କରାଯାଉ । ନଓ୍ୱାଫିଲ୍ ପାଠ କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ସମ୍ମୁଖରେ ଏହା ପ୍ରକାଶିତ କରିଥାଏ ଯେ, ହେ ଈଶ୍ୱର ! ମୁଁ ଅନିର୍ବାର୍ଯ୍ୟ ପ୍ରସଙ୍ଗ(କର୍ତ୍ତବ୍ୟ)ଗୁଡ଼ିକୁ ତ' ସମ୍ପାଦନ କରିଦେଇଛି । କିନ୍ତୁ ସେହି କର୍ତ୍ତବ୍ୟ ସମ୍ପାଦନ କରିବା ଦ୍ୱାରା ମୁଁ ସନ୍ତୁଷ୍ଟ ଓ ତୃପ୍ତ ହେଲି ନାହିଁ । ସେଇଥି ପାଇଁ ସେ କୁହେ ଯେ, ହେ ଈଶ୍ୱର ! ମୁଁ ଏହା ଚାହୁଁଛି ଯେ, ମୁଁ ସେହି ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ସମୟ ବ୍ୟତୀତ ମଧ୍ୟ ତୁମ୍ଭ ଦରବାରରେ ଅତିରିକ୍ତ ସମୟ ଉପସ୍ଥିତ ହେବାକୁ ଚାହୁଁଛି। ଅର୍ଥାତ୍ ଯେପରି କିଛି ଲୋକ ଯେତେବେଳେ କୌଣସି ସାଧୁ ସନ୍ଥଙ୍କୁ ଭେଟିବା ନିମନ୍ତେ ଯାଆନ୍ତି ସେତେବେଳେ ସେମାନେ ନିର୍ଦ୍ଧାରିତ ସମୟ ବିତିଯିବା ପରେ କୁହନ୍ତି ଯେ, ଆମକୁ ଟିକେ ଦୁଇ ମିନିଟ୍ ସମୟ ଦିଅନ୍ତୁ । ସେମାନେ ସେହି ଅତିରିକ୍ତ ଦୁଇ ମିନିଟ୍ ସମୟରେ ବେଶ୍ ଆନନ୍ଦିତ ହୋଇଥାଆନ୍ତି । ଠିକ୍ ସେହିପରି ଜଣେ ବିଶ୍ୱାସକାରୀ ବ୍ୟକ୍ତି ଯେତେବେଳେ ନିଜର କର୍ତ୍ତବ୍ୟ ନିର୍ବାହ କରି ସାରିବା ପରେ ନଓ୍ୱାଫିଲ୍ ପାଠ କରିଥାଏ ସେତେବେଳେ ସେ ଈଶ୍ୱରଙ୍କୁ କହେ କି ହେ ଈଶ୍ୱର ! ବର୍ତ୍ତମାନ ମୁଁ ନିଜ ତରଫରୁ କିଛି ଅତିରିକ୍ତ ସମୟ ପାଇଁ ଉପସ୍ଥିତ ହେବାକୁ ଚାହୁଁଛି ।

**ବିଶ୍ୱାସର ସପ୍ତମ ସ୍ତର** ହେଉଛି ମନୁଷ୍ୟ କେବଳ ପାଞ୍ଚବେଳା ନମାଜ ପାଠ ନକରୁ ଏବଂ ନଓ୍ୱାଫିଲ୍ ସମ୍ପାଦନ ନକରୁ । ବରଂ ରାତ୍ର ସମୟରେ ମଧ୍ୟ ତହଜ୍ଜୁଦ୍ ନମାଜ ପାଠ କରୁ । ହୁଜୁର୍ ର.ଅ କହିଲେ, "ଅତଏବ୍ ଏ ହେଉଛି ସେହି 7ଟି ସ୍ତର ଯେଉଁ ସ୍ତର ଦ୍ୱାରା ନମାଜ୍ ସଂପୂର୍ଣ୍ଣ ହୋଇଥାଏ। ଏହି ସ୍ତରକୁ ପ୍ରାପ୍ତକାରୀ ବ୍ୟକ୍ତିମାନେ ହେଉଛନ୍ତି ସେହିମାନେ ଯେଉଁମାନଙ୍କ ସଂପର୍କରେ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଈଶ୍ୱର ରାତ୍ର ସମୟରେ ଆକାଶ ଲୋକରୁ ପୃଥିବୀ ଲୋକକୁ ଓହ୍ଲାଇ ଆସନ୍ତି ଏବଂ ତାହାଙ୍କର ଦେବଦୂତମାନେ ଡାକି ଉଠନ୍ତି ଯେ, ହେ ଭକ୍ତମାନେ ! ଈଶ୍ୱର ତୁମମାନଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଆସିଛନ୍ତି । ଉଠ ହେ ଭକ୍ତ ! ତାହାଙ୍କୁ (ଈଶ୍ୱରଙ୍କୁ) ଭେଟିନିଅ ।"

ଅତଏବ୍ ଏହି ସାତଟି ସ୍ତରକୁ ପୂର୍ଣ୍ଣ କରିବା ପ୍ରତ୍ୟେକ ବିଶ୍ୱାସକାରୀ ବ୍ୟକ୍ତି ପକ୍ଷେ ଜରୁରୀ ଅଟେ। ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ନମାଜର ନିୟମାନୁବର୍ତ୍ତୀ ହେଉ, ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଆନିର୍ବାର୍ଯ୍ୟ କି ସେ ନମାଜଗୁଡ଼ିକୁ ଯଥା ସମୟରେ ପାଠ କରୁ । ସେହିପରି ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ବାଜମାଅତ୍ (ସାମୂହିକ) ନମାଜ୍ ପାଠ କରୁ । ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ନମାଜ୍‌କୁ ଭାବି ଚିନ୍ତି ଓ ଅନୁବାଦ ଶିକ୍ଷି ପାଠ କରୁ । ପ୍ରତ୍ୟେକ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଫର୍ଜ ନମାଜ୍ ବ୍ୟତୀତ ରାତ୍ର ସମୟରେ ଏବଂ ଦିନ ବେଳା ନଫିଲ୍ ନମାଜ ମଧ୍ୟ ପାଠ କରୁ । ପ୍ରତ୍ୟେକ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ନମାଜ ମଧ୍ୟରେ ନିମଗ୍ନ ଅବସ୍ଥା ସୃଷ୍ଟି କରୁ । ନମାଜ୍ ମଧ୍ୟରେ ସେ ନିଜକୁ ଏତେ ନିମଗ୍ନ ଅର୍ଥାତ୍ ହଜାଇ ଦେଉ କି ରସୁଲ୍ କରୀମ୍ ସ.ଅଙ୍କ କଥନ ଅନୁଯାୟୀ ସେ ଈଶ୍ୱରଙ୍କୁ ଦେଖୁଥିବ ଅବା ସେ ନିଜ ମନରେ ଏହି ବିଶ୍ୱାସ ରଖୁଥିବ କି ଈଶ୍ୱର ତା'କୁ ଦେଖୁଛନ୍ତି । ପୁନଶ୍ଚ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅପରିହାର୍ଯ୍ୟ କି ସେ ଅନିର୍ବାର୍ଯ୍ୟମୂଳକ ନମାଜ୍ ଏବଂ ଇଚ୍ଛାଧୀନମୂଳକ ନମାଜକୁ ଏଭଳି ଭାବରେ ନିୟମିତ ଓ ନିରନ୍ତରତାର ସହିତ ପାଠ କରୁ କି ତା'ର ରାତି ବି ଦିନ ହୋଇଯିବ । ସେହିପରି ତହଜ୍ଜୁଦ୍‌ର ନୈବେଦ୍ୟରୁ ଅଧିକରୁ ଅଧିକ ଲାଭାନ୍ୱିତ ହେବା ନିମନ୍ତେ ଉଦ୍ୟମ କରୁ। ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ନିଜ ନମାଜର ଏହିଭଳି ଢଙ୍ଗରେ ସୁରକ୍ଷା କରି ନାହିଁ ସେପର୍ଯ୍ୟନ୍ତ ତା'ର ଏହି ଆଶା କରିବା କି ସେ ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରାଇ ନେବ ଏହା ତା'ର ଭ୍ରମ ଓ ଅପରିପକ୍ୱ ଧାରଣା ଅଟେ । ଏହି ଭ୍ରମ ଧାରଣାରେ କୌଣସି ସତ୍ୟତା ଏବଂ ବାସ୍ତବତା ନଥାଏ ।

ଆପଣ ର.ଅ ପୁନଶ୍ଚ କୁହନ୍ତି ଯେ, ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତିର ସପ୍ତମ ସ୍ତର ଏହିକି ଯେ, ଅଲ୍ଲାଃତାଲା ସେମାନଙ୍କୁ ଏପରି ସ୍ୱର୍ଗର ଅଧିକାରୀ କରି ଦେଇଥାଆନ୍ତି ଯେଉଁ ସ୍ୱର୍ଗ ସମସ୍ତ ସ୍ୱର୍ଗର ସମାହାର ଅଟେ । ଅର୍ଥାତ୍ ଫିର୍ଦୌସ୍ (ବୈକୁଣ୍ଠପୁର) । ଆରବୀ ଭାଷାରେ ଫିର୍ଦୌସ୍ କହିଲେ ଏପରି ଏକ ଉଦ୍ୟାନକୁ ବୁଝାଏ ଯେଉଁ ଉଦ୍ୟାନ ପ୍ରତ୍ୟେକ ପ୍ରକାରର ଉଦ୍ୟାନର ସମାହାର ହୋଇଥାଏ। ଅତଏବ୍ ଫିର୍ଦୌସ ଶବ୍ଦ ବ୍ୟବହାର କରି ଏହି ଆଡ଼କୁ ଇଙ୍ଗିତ କରାଯାଇଛି ଯେ, ଯେଭଳି ଏହି ଲୋକମାନେ ଆଧ୍ୟାତ୍ମିକତାର ସମସ୍ତ ସର୍ବୋଚ୍ଚ ବିଶେଷ ସ୍ତରକୁ ନିଜ ମଧ୍ୟରେ ଏକତ୍ରିତ କରି ରଖିଛନ୍ତି ଠିକ୍ ସେହିପରି ସେମାନଙ୍କୁ ମଧ୍ୟ ସେହି ମର୍ଯ୍ୟାଦା ପ୍ରାପ୍ତ ହେବ ଯେଉଁ ମର୍ଯ୍ୟାଦା ସମସ୍ତ ବେଶିଷତାର ସମାହାର ଏବଂ ସମଷ୍ଟି ହେବ । هُمْ فِيْهَا خٰلِدُوْنَ । କହି ଏହି ଆଡ଼କୁ ଇଙ୍ଗିତ କରିଛନ୍ତି ଯେ, ଯେପରି ଏହି ଲୋକମାନେ ଅଲ୍ଲାଃତାଲାଙ୍କ ଉପାସନାର ସୁରକ୍ଷା କରିଥିଲେ ଠିକ୍ ସେହିପରି ଅଲ୍ଲାଃତାଲା ମଧ୍ୟ ଉକ୍ତ କଥା ପ୍ରତି ଦୃଷ୍ଟି ରଖିବେ ଯେ, ସେମାନେ ସେହି ପୁରସ୍କାରର ସର୍ବଦା ଅଧିକାରୀ ହୋଇ ରହିବେ ଏବଂ ସେମାନଙ୍କ ନିମନ୍ତେ କେବେ ବି ସେହି ପତନର ସମୟ ନଆସୁ । **(ତଫ୍‌ସିର୍ କବିର୍, ଭାଗ-6, ପୃ-136-137, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା)**☆☆☆

## ବିଗତ ସଂଖ୍ୟା-32, ପୃ-11ରେ ବର୍ଣ୍ଣିତ ଖୁତ୍‌ବା 30 MAY 2025 ଜୁମାର ଅବଶିଷ୍ଟାଂଶ....

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅତଏବ୍ ଏହା ଅଲ୍ଲାଃତାଲାଙ୍କର କୃପା ଯେ, ଅଲ୍ଲାଃତାଲା ଜମାଅତ୍ ଅହମଦିୟାକୁ, ଖିଲାଫତ୍‌କୁ, ହ. ମସିହ୍ ମଉଦ୍ ଅ.ସଙ୍କୁ ଏପରି ଲୋକ ପ୍ରଦାନ କରି ଦେଇଛନ୍ତି ଯେଉଁମାନେ ନିଜର ବଳିଦାନର ସ୍ତରରେ ଅଗ୍ରସର ହୋଇ ଚାଲିଛନ୍ତି। ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯେଉଁ ଅଙ୍ଗୀକାର ଦେଇଛନ୍ତି ତାହାକୁ ଆମେମାନେ ପୂର୍ଣ୍ଣ ହେଉଥିବାର ଅବଲୋକନ କରୁଅଛୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, "ଅଲ୍ଲାଃତାଲା ମୋ ସହିତ ଯେଉଁ ଅଙ୍ଗୀକାର ତଥା ପ୍ରତିଶ୍ରୁତି କରିଛନ୍ତି, ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ମୋ ସହିତ କରିଥିବା ପ୍ରତିଶ୍ରୁତ ତଥା ଅଙ୍ଗୀକାର ସଂପୂର୍ଣ୍ଣ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏହି ସଂସାର ସମାପ୍ତ ହେବ ନାହିଁ । ଏହି ଜଗତର ଅନ୍ତ ଘଟିବ ନାହିଁ । ଅଲ୍ଲାଃତାଲାଙ୍କର ଏହି ପ୍ରତିଶ୍ରୁତି ମୋ ଜୀବନରେ ଏବଂ ମୋ ମୃତ୍ୟୁ ପରେ ମଧ୍ୟ ପୂର୍ଣ୍ଣ ହେଉଥିବ। ଆମେମାନେ ଏହା ଅବଲୋକନ କରୁଛେ ଅର୍ଥାତ୍ କେତେକ ଭବିଷ୍ୟବାଣୀ ଆପଣ ଅ.ସଙ୍କ ଜୀବନରେ ସଂପୂର୍ଣ୍ଣ ହେବ ଓ ଆଉ କେତେକ ଭବିଷ୍ୟବାଣୀ ଆପଣ ସ.ଅଙ୍କ ବିୟୋଗ ପରେ ସଂପୂର୍ଣ୍ଣ ହେବ । ଆଜି ଆମେମାନେ ସେହି ସମସ୍ତ ଭବିଷ୍ୟବାଣୀକୁ ସାକାର ତଥା ସଂପୂର୍ଣ୍ଣ ହେଉଥିବାର ଅବଲୋକନ କରୁଛେ ଯେଉଁ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବା ସଂକ୍ରାନ୍ତରେ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଅଙ୍ଗୀକାର କରିଥିଲେ । ସେହିପରି ଆମେମାନେ ନିଜାମେ ଖିଲାଫତ୍ (ଖିଲାଫତ୍ ବ୍ୟବସ୍ଥା) ସହି ଜଡ଼ିତ ରହିବାର ଏକ ଭବିଷ୍ୟବାଣୀ ମଧ୍ୟ ଅବଲୋକନ କରୁଅଛେ । **ଇନ୍‌ଶାଆଲ୍ଲାଃ** ଭବିଷ୍ୟରେ ମଧ୍ୟ ସେହି ସବୁ ଭବିଷ୍ୟବାଣୀ ସାକାର ଓ ସଂପୂର୍ଣ୍ଣ ହେଉଥିବାର ଅବଲୋକନ କରି ଚାଲିବୁ । ସୁତରାଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିର ଏହି କାର୍ଯ୍ୟ ରହିଛି ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲାଙ୍କ ଠାରୁ ଯେଉଁ ଶୁଭ ସୂଚନା ପ୍ରାପ୍ତ କରି ଆମମାନଙ୍କୁ ପ୍ରଦାନ କରିଛନ୍ତି ତହିଁରୁ ଆମେମାନେ ଅଂଶୀଦାର ହେବା ନିମନ୍ତେ, ଅଲ୍ଲାଃତାଲାଙ୍କ କୃପାମୂଳକ ଅଙ୍ଗୀକାରରୁ ଲାଭାନ୍ୱିତ ହେବା ନିମନ୍ତେ, ଈଶ୍ୱରଙ୍କ ମର୍ଯ୍ୟାଦାକୁ ଲୋକମାନଙ୍କର ହୃଦୟରେ ଆସନ୍ନିତ କରିବା ସଙ୍ଗେସଙ୍ଗେ ନିଜ ହୃଦୟରେ ମଧ୍ୟ ଆସନ୍ନିତକାରୀ ବ୍ୟକ୍ତି ରୂପେ ପରିଗଣିତ ହେବା ସହିତ ବ୍ୟବହାରିକ ରୂପେ ଈଶ୍ୱରଙ୍କର ଏକେଶ୍ୱରବାଦର ପରିପ୍ରକାଶକ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବା। ଆମେମାନେ ମାନବ ଜାତି ପ୍ରତି ପ୍ରକୃତ ସହାନୁଭୂତି ପ୍ରଦର୍ଶନକାରୀ ବ୍ୟକ୍ତି ହେବା ଉଚିତ୍ । ହୃଦୟକୁ ଈର୍ଷା, ଦ୍ୱେଷାଭାବରୁ ମୁକ୍ତ ତଥା ପବିତ୍ର ରଖିଲା ବାଲା ବ୍ୟକ୍ତି ରୂପେ ପରିଗଣିତ ହୋଇ ସମସ୍ତ ପୁଣ୍ୟ ମାର୍ଗରେ ଅଗ୍ରସର ହେବା ଉଚିତ୍। ନିଜର ବିଶ୍ୱାସର ସୁରକ୍ଷାକାରୀ ବ୍ୟକ୍ତି ହେବା ଉଚିତ୍ । ପୂର୍ଣ୍ଣ ଆଜ୍ଞାନୁବର୍ତ୍ତିତାର ଉଦାହରଣ ପ୍ରଦର୍ଶନକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ବିଶ୍ୱାସରେ ଉନ୍ନତି କରି ଚାଲିବା ଉଚିତ୍ । କାରଣ ଈଶ୍ୱରଙ୍କ ନିକଟରେ ଆମମାନଙ୍କର ପାଦ ସତ୍ୟବାଦୀଙ୍କ ପାଦ ରୂପେ ଗଣ୍ୟ ହେବା ଉଚିତ୍ ଓ ଆମେମାନେ ତାହାଙ୍କ ପ୍ରତିଶ୍ରୁତି ଏବଂ ତାହାଙ୍କ ଅଙ୍ଗୀକାରରୁ ଉପକୃତ ହେଉଥିବୁ ବୋଲି ବିବେଚିତ ହୋଇପାରିବୁ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଖିଲାଫତେ ଅହମଦିୟାକୁ ଅବ୍ୟାହାତ ତଥା ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ରହୁ । ଆମେମାନେ ବିଭିନ୍ନ ସମୟର ଯେଉଁ ଅଙ୍ଗୀକାର କରିଥାଉ, ଅଧୀନସ୍ଥ ଗୋଷ୍ଠୀ (ଲଜ୍‌ନା, ଅନ୍‌ସାର ଓ ଖୁଦ୍ଦାମ୍‌ଙ୍କ ଗୋଷ୍ଠୀ)ର ମଧ୍ୟ ଯେଉଁ ଶପଥ ରହିଛି ସେହି ଗୋଷ୍ଠୀର ସଦସ୍ୟମାନେ ମଧ୍ୟ ଶପଥ ତଥା ପ୍ରଣ ନେଇଥାଆନ୍ତି । ଅତଏବ୍ ଆମେମାନେ ସେହି ପ୍ରଣକୁ ପୂର୍ଣ୍ଣକାରୀ ବ୍ୟକ୍ତି ରୂପେ ପରିଗଣିତ ହେଉଥିବୁ ଏବଂ ଅଲ୍ଲାଃତାଲା ଆମମାନଙ୍କ ଜୀବନରେ ଏମତି ଏକ ଯୁଗ ଆଣନ୍ତୁ କି ଆମେମାନେ ଯେତେବେଳେ ଦେଖିବୁ **(ଅବଶିଷ୍ଟାଂଶ.... ପୃ-11ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ନବୀ କରୀମ୍ ସ.ଅ କହିଲେ, ହେ ଲୋକମାନେ (ସାହାବାମାନେ) ! ଅଲ୍ଲାଃତାଲା ମକ୍କାକୁ ସେହି ଦିନ ଠାରୁ ହରମ୍ (ନିଷିଦ୍ଧାଞ୍ଚଳ) ଘୋଷଣା କରିଛନ୍ତି ଯେଉଁ ଦିନ ସେ ଆକାଶ ଏବଂ ପାତାଳକୁ ସୃଷ୍ଟି କରିଥିଲେ ଏବଂ ସୂର୍ଯ୍ୟ ଓ ଚନ୍ଦ୍ରକୁ ସୃଷ୍ଟି କରିଥିଲେ । ଅଲ୍ଲାଃତାଲା ଏହି ଦୁଇ ପର୍ବତ ସଫା ଓ ମରୱାକୁ ଅଲ୍ଲାଃତାଲା ସେଠାରେ ସେ ରୋପଣ କରି ଦେଇଛନ୍ତି । ଅତଏବ୍ ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଏବଂ ଶେଷ ଦିବସ ଉପରେ ବିଶ୍ୱାସ ରଖେ ତା' ନିମନ୍ତେ ଏହି ବୈଧ ନୁହେଁ ଯେ, ସେ ଉକ୍ତ ଭୂମିରେ ରକ୍ତପାତ କରୁ ଓ ଉକ୍ତ ଭୂମିରେ ଥିବା ଗଛପତ୍ର କାଟୁ । ଆଁହଜରତ ସ.ଅଙ୍କ ଏହି ଆଦେଶ ଅର୍ଥାତ୍ ରକ୍ତପାତ ଓ ଗଛ କଟା ନା ମୋ ପୂର୍ବେ କୌଣସି ବ୍ୟକ୍ତି ତଥା ଅବତାର ନିମନ୍ତେ ବୈଧ ହୋଇଥିଲା ଓ ନା ହିଁ ମୋ ପରେ କୌଣସି ବ୍ୟକ୍ତି ନିମନ୍ତେ ବୈଧ ହେବ । ମୋ ନିମନ୍ତେ ମୁହୂର୍ତ୍ତକ ପାଇଁ ମକ୍କାରେ ଯୁଦ୍ଧ ବୈଧ ହୋଇଥିଲା । କିନ୍ତୁ ଉକ୍ତ ସମୟଟି ଅତିବାହିତ ହୋଇଯିବା ପରେ ଏହାର ନିଷିଧାଦେଶ ସେହିପରି ଅବ୍ୟାହତ ରହିଛି ଯେପରି ପୂର୍ବେ ଥିଲା । ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏଠାରେ ଉପସ୍ଥିତ ରହିଛି ସେ ଅନୁପସ୍ଥିତ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ଏହି କଥା ପହଞ୍ଚାଇ ଦେଉ । ଯେଉଁ ବ୍ୟକ୍ତି ତୁମମାନଙ୍କୁ ଏହା କୁହେ କି ରସୁଲୁଲ୍ଲାଃ ସ.ଅ ହରମ୍‌ରେ ରହି ଯୁଦ୍ଧ କରିଥିଲେ, ତେବେ ତୁମେମାନେ ସେହି ବ୍ୟକ୍ତିକୁ କୁହ କି ଅଲ୍ଲାଃତାଲା ଯୁଦ୍ଧକୁ ନିଜର ବାର୍ତ୍ତାବହ ମୁହମ୍ମଦ ସ.ଅଙ୍କ ନିମନ୍ତେ ବୈଧ ବୋଲି ଘୋଷଣା କରିଥିଲେ । କିନ୍ତୁ ଉକ୍ତ ହରମ୍‌ରେ ଯୁଦ୍ଧ କରିବା ତୁମମାନଙ୍କ ନିମନ୍ତେ ବୈଧ ବିବେଚିତ କରି ନାହାନ୍ତି । ହେ ଲୋକମାନେ ! ଲୋକମାନଙ୍କ ମଧ୍ୟରୁ ଅଲ୍ଲାଃତାଲାଙ୍କ ବିପକ୍ଷରେ ସର୍ବାଧିକ ଦୁଃସାହସ ପ୍ରଦର୍ଶନକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ହରମ୍‌ରେ ଯୁଦ୍ଧ କଲା କିମ୍ବା ନିଜର ହତ୍ୟାକାରୀ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ହତ୍ୟା କଲା ଅବା ଅଶିକ୍ଷିତ ଯୁଗର ହତ୍ୟା ପ୍ରତିଶୋଧ ଯୋଗୁଁ ଅନ୍ୟ ବ୍ୟକ୍ତିକୁ ହତ୍ୟା କଲା।

**ମକ୍କା ବିଜୟ ଦିନ କେବଳ ସେହି କେତେକ ଲୋକମାନଙ୍କୁ ଆଁହଜରତ ସ.ଅ ଶାସ୍ତି ପ୍ରଦାନ କରିଥିଲେ ଯେଉଁମାନଙ୍କୁ ଶାସ୍ତି ପ୍ରାଦନ କରିବା ନିମନ୍ତେ ଈଶ୍ୱରଙ୍କ ପକ୍ଷରୁ ଚୂଡ଼ାନ୍ତ ଆଦେଶ ମିଳି ସାରିଥିଲା ଏବଂ ସେହି ଅଭିଶପ୍ତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶତ୍ରୁଙ୍କ ଅପରାଧକୁ ଆଁହଜରତ ସ.ଅ କ୍ଷମା କରି ଦେଇଥିଲେ ।**

**(ହ. ମସିହ୍ ମଉଦ୍ ଅ.ସ)**

**ମକ୍କା ବିଜୟ ଓ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।**

**ଆମେରିକାର ରାଜା ଅବଦୁଲ୍ ମାଲିକ୍ ସାହେବଙ୍କ ପତ୍ନି ମହୋଦୟା ଶ୍ରୀମତି ସ୍ୱର୍ଗତା ଅମତୁନ୍ ନସୀର୍ ବେଗମ ସାହେବା ଏବଂ ଘାନାର ଶ୍ରୀଯୁକ୍ତ ଅଲହାଜ୍ ୟାକୁବ୍ ଅହମଦ ବିନ୍ ଅବୁ ବକ୍କର ସାହେବଙ୍କ ବିୟୋଗ, ମୃତକ ଦ୍ୱୟଙ୍କର ଉତ୍ତମ ଚର୍ଚ୍ଚା ଓ ସେମାନଙ୍କର ନମାଜ ଯନାଜାଃଲ ଗାଏବ୍**

**11 July 2025 ମସିହା ଅନୁଯାୟୀ ୧୧ ୱଫା ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଯେପରିକି ପୂର୍ବ ଖୁତ୍‌ବାରେ ମକ୍କା ବିଜୟ ପୂର୍ବରୁ ଖାନା କାଆବର ଚାବି ଉସ୍‌ମାନ୍ ବିନ୍ ତଲ୍‌ହା ନିକଟରେ ରହିଥିଲା। ଯେତେବେଳେ ମକ୍କା ବିଜୟ ହେଲା ସେତେବେଳେ ହ. ଅଲୀ ର.ଅ ସିକାୟା ଅର୍ଥାତ୍ ଜଳପାନ କରାଇବାର ସମ୍ମାନ ପ୍ରାପ୍ତ କରିବା ସହିତ ଚାବିର ସମ୍ମାନ (ମାଲିକାନା ସତ୍ତ୍ୱ) ମଧ୍ୟ ପ୍ରାପ୍ତ କରିବା ନିମନ୍ତେ ଆଁହଜରତ ସ.ଅଙ୍କୁ ଅନୁରୋଧ କଲେ। ଅର୍ଥାତ୍ ବର୍ତ୍ତମାନ ତାଙ୍କୁ ଚାବି ଦେଇ ଦିଆଯାଉ । କିନ୍ତୁ ରସୁଲୁଲ୍ଲାଃ ସ.ଅ କାଆବାରୁ ବାହାରିବା ସମୟରେ ଉସ୍‌ମାନ୍ ବିନ୍ ତଲ୍‌ହାକୁ ଡକାଇଲେ ଏବଂ ତାକୁ ଚାବି ଫେରସ୍ତ କରି କହିଲେ, اَلْيَوْمُ يَوْمُ بِرٍّ وَوَفَاءٍ ଅର୍ଥାତ୍ ଆଜି ହେଉଛି ପୁଣ୍ୟ ଏବଂ ଅଙ୍ଗୀକାର ପାଳନ କରିବାର ଦିନ ।

ସେତେବେଳେ ଉସ୍‌ମାନ୍ ବିନ୍ ତଲ୍‌ହା ମୁସଲମାନ ହୋଇ ସାରିଥିଲେ । ରସୁଲୁଲ୍ଲାଃ ସ.ଅ ଏପରି କାହିଁକି କହିଲେ ? ଏହାର ସବିଶେଷ ବିବରଣୀ ଏହିପରି ଅଟେ ଯେ, ରସୁଲ୍ କରୀମ୍ ସ.ଅ ପ୍ରବାସ ପୂର୍ବରୁ ଏକଦା ଉସ୍‌ମାନ୍ ବିନ୍ ତଲ୍‌ହାଙ୍କ ଠାରୁ ଖାନା କାଆବାର ଚାବି ମାଗିଥିଲେ । ଏହାର ଉତ୍ତରରେ ଆପଣ ସ.ଅଙ୍କୁ ଉସ୍‌ମାନ୍ ବିନ୍ ତଲ୍‌ହା ଅପଶବ୍ଦ କହିଲା ଏବଂ ଆପଣ ସ.ଅଙ୍କ ପ୍ରତି ଅତ୍ୟନ୍ତ ଅସଭ୍ୟ ଭାଷା ପ୍ରୟୋଗ କରିଥିଲା । ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ଧୈର୍ଯ୍ୟପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିଥିଲେ ଏବଂ ଆପଣ ସ.ଅ କହିଲେ, يَا عُثْمَانُ لَعَلَّكَ سَتَرَى هٰذَا الْمِفْتَاحَ يَوْمًا بِيَدِيْ أَضَعُهٗ حَيْثُ شِئْتُ ଅର୍ଥାତ୍ ହେ ଉସମାନ୍ ! ମନେରଖ ଏହି ଚାବି ଦିନେ ନା ଦିନେ ମୋ ହାତକୁ ଅବଶ୍ୟ ଆସିବ ଏବଂ ମୁଁ ସେଦିନ ଉକ୍ତ ଚାବି ସ୍ୱଇଚ୍ଛାରେ ଯାହାକୁ ଚାହିଁବି ତାହାକୁ ମୁଁ ଦେଇଦେବି । ଉସମାନ୍ ବିନ୍ ତଲ୍‌ହା ସେତେବେଳେ ଏହି ଉତ୍ତର ଦେଇଥିଲା ଯେ, ହେ ମୁହମ୍ମଦ୍ ସ.ଅ ! ଯଦି ଏପରି ସମୟ ଆସିଲା ତେବେ ସେହି ସମୟ କୁରୈଶ୍‌ମାନଙ୍କ ଧ୍ୱଂସ ଏବଂ ତିରସ୍କାରର ସମୟ ହେବ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, بَلْ عَمَرَتْ وَعَزَّتْ يَوْمَئِذٍ ଅର୍ଥାତ୍ ଏପରି ନୁହେଁ ବରଂ ସେତେବେଳେ ତ' କୁରୈଶ୍‌ମାନଙ୍କ ବସତି (ଜନସଂଖ୍ୟା) ହେବ ଏବଂ ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ଆଁହଜରତ ସ.ଅଙ୍କ ପ୍ରତି ଏହି ଯେଉଁ ସମସ୍ତ ଅନ୍ୟାୟ, ଅତ୍ୟାଚାର ପ୍ରଦର୍ଶନ କରାଯାଇଥିଲା ସେତେବେଳେ ଆପଣ ସ.ଅଙ୍କୁ ଏହି ସମସ୍ତ ଅତ୍ୟାଚାର ସ୍ମରଣ ଥିଲା । କିନ୍ତୁ ଏସବୁ ସତ୍ତ୍ୱେ ଆପଣ ସ.ଅ ସେହି ଲୋକମାନଙ୍କ ଉପରେ ଦୟା ପ୍ରଦର୍ଶନ କଲେ ଏବଂ ସେମାନଙ୍କୁ କ୍ଷମା ପ୍ରଦାନ କରିଦେଲେ । ଅନ୍ୟ ଏକ ବର୍ଣ୍ଣନାରେ ଉସ୍‌ମାନ୍ ବିନ୍ ତଲ୍‌ହା ସ୍ୱୟଂ ବର୍ଣ୍ଣନା କରନ୍ତି ଯେ, ଅଶିକ୍ଷିତ ଯୁଗରେ ଆମେମାନେ ସୋମବାର ଏବଂ ଗୁରୁବାର ଦିନ ଖାନା କାଆବା ଖୋଲୁଥିଲୁ । ଦିନେ ନବୀ କରୀମ୍ ସ.ଅ ଆସିଲେ ଏବଂ କିଛି ଲୋକମାନଙ୍କ ସହିତ ଖାନା କାଆବା ଭିତରେ ଯିବାକୁ ଇଚ୍ଛା ପ୍ରକାଶ କଲେ । ଏହା ଦେଖି ମୁଁ (ଉସ୍‌ମାନ୍ ବିନ୍ ତଲ୍‌ହା) ଆପଣଙ୍କ ପ୍ରତି ଅତ୍ୟନ୍ତ କଟୁ ଭାଷା ପ୍ରୟୋଗ କଲି । କିନ୍ତୁ ଆପଣ ସ.ଅ ଅତ୍ୟନ୍ତ ବିନମ୍ର ଓ କୋମଳତାର ସହିତ କଥାବାର୍ତ୍ତା ହେଲେ ଏବଂ କହିଲେ, ହେ ଉସ୍‌ମାନ୍ ! ଦିନ ଆସିବ ତୁମେ ଏହି ଚାବିକୁ ମୋ ହାତରେ ଦେଖିବ ଓ ମୁଁ ଯାହାକୁ ଚାହିଁବି ଏହି ଚାବି ପ୍ରଦାନ କରିଦେବି । ଆଜି ସେହି ଦିନ ଏବଂ ଉସ୍‌ମାନ୍ ବିନ୍ ତଲ୍‌ହାକୁ ସେହି ସମସ୍ତ କଥା ମନେପଡୁଥିବ ଏବଂ ଆଁହଜରତ ସ.ଅ ମଧ୍ୟ ସେହି ଦିନ ଭୁଲି ନଥିବେ । କିନ୍ତୁ ଆପଣ ସ.ଅ ତା'କୁ କହିଲେ, ହେ ଉସ୍‌ମାନ୍ ! ତୁମେ ନିଜର ଚାବି ସମ୍ଭାଳି ନିଅ । ଏସବୁ ସତ୍ତ୍ୱେ ଆପଣ ସ.ଅ ତା'କୁ ଏହା ହିଁ କହିଲେ, ଯେ, ହେଇ ନିଅ ଆଜି ମୁଁ ତୁମକୁ ଚାବି ଦେଉଛି । ଆଜି ପୁଣ୍ୟ ଏବଂ ପ୍ରତିଶ୍ରୁତି ରକ୍ଷା ଏବଂ ଅଙ୍ଗୀକାର ପୂର୍ଣ୍ଣ କରିବାର ଦିନ ଅଟେ । ଏହି ଚାବିକୁ ତୁମେ ନିଅ ଓ ସର୍ବଦା ନିଜ ପାଖରେ ରଖ । ତୁମ ଠାରୁ ଏହି ଚାବିକୁ କେବଳ ଜଣେ ଅତ୍ୟାଚାରୀ ବ୍ୟକ୍ତି ହିଁ ଛଡ଼ାଇପାରିବ। ବର୍ତ୍ତମାନ ଏହି ଚାବି ତୁମ ବଂଶରେ ହିଁ ରହିବ । ସୁତରାଂ ଆଜି ପର୍ଯ୍ୟନ୍ତ ଖାନା କାଆବର ଚାବି ଏହି ବଂଶରେ ବଂଶାନୁଯାୟୀ ରହି ଆସୁଛି । **(ସିରତୁନ୍ ନବୀ ସ.ଅ, ଲେଖକ- ଡକ୍ଟର ସଲାବି, ଭାଗ-3, ପୃ-415-416, ଦାରୁସ୍ ସଲାମ୍) (ତାରିଖୁଲ୍ ଖମିସ୍, ଭାଗ-2, ପୃ-478, 488, 482, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟର ଦ୍ୱିତୀୟ ଦିନ ବନୁ ଖୁଜାଆ ସଂପ୍ରଦାୟ ବନୁ ହୁଜୈଲ୍ ସଂପ୍ରଦାୟର ଏକ ମୁସ୍‌ରିକ୍ ବ୍ୟକ୍ତିକୁ ଯେତେବେଳେ ହତ୍ୟା କରିଦେଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ଜୋହୋର୍ ନମାଜ ପରେ ଖୁତ୍‌ବା ଦେବା ନିମନ୍ତେ ଛିଡ଼ା ହେଲେ । ଆପଣ ସ.ଅ ନିଜର ଅଣ୍ଟା ଖାନା କାଆବା ସହିତ ସଂଲଗ୍ନ କରିଥିଲେ । ସେଠାରେ ଆପଣ ସ.ଅ ଆଉଜି ହୋଇଥିଲେ । ଅନ୍ୟ ଏକ ବର୍ଣ୍ଣନାରେ ଆପଣ ସ.ଅ ନିଜର ଓଟ ଉପରେ ଆରୋହଣ ହେଲେ ଓ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କଲେ। ନବୀ କରୀମ୍ ସ.ଅ କହିଲେ, ହେ ଲୋକମାନେ (ସାହାବାମାନେ) ଅଲ୍ଲାଃତାଲା ମକ୍କାକୁ ସେହି ଦିନ ଠାରୁ ହରମ୍ (ନିଷିଦ୍ଧାଞ୍ଚଳ) ଘୋଷଣା କରିଛନ୍ତି ଯେଉଁ ଦିନ ସେ ଆକାଶ ଏବଂ ପାତାଳକୁ ସୃଷ୍ଟି କରିଥିଲେ ଏବଂ ସୂର୍ଯ୍ୟ ଓ ଚନ୍ଦ୍ରକୁ ସୃଷ୍ଟି କରିଥିଲେ। ଏହି ଦୁଇ ପର୍ବତ ସଫା ଓ ମରୱାକୁ ଅଲ୍ଲାଃତାଲା ସେଠାରେ ରୋପଣ କରି ଦେଇଛନ୍ତି । ଅତଏବ୍ ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଏବଂ ଶେଷ ଦିବସ ଉପରେ ବିଶ୍ୱାସ ରଖେ ତା'

ନିମନ୍ତେ ଏହି ବୈଧ ନୁହେଁ ଯେ, ସେ ଉକ୍ତ ଭୂମିରେ ରକ୍ତପାତ କରୁ ଓ ଉକ୍ତ ଭୂମିରେ ଥିବା ଗଛପତ୍ରକୁ କାଟୁ । ଆଁହଜରତ ସ.ଅଙ୍କ ଏହି ଆଦେଶ ଅର୍ଥାତ୍ ରକ୍ତପାତ ଓ ଗଛ କଟା ନା ମୋ ପୂର୍ବେ କୌଣସି ବ୍ୟକ୍ତି ତଥା ଅବତାର ନିମନ୍ତେ ବୈଧ ହୋଇଥିଲା ଓ ନା ହିଁ ମୋ ମୃତ୍ୟୁ ପରେ କୌଣସି ବ୍ୟକ୍ତି ନିମନ୍ତେ ବୈଧ ହେବ । ମୋ ନିମନ୍ତେ ମୁହୂର୍ତ୍ତକ ପାଇଁ ମକ୍କାରେ ଯୁଦ୍ଧ ବୈଧ ହୋଇଥିଲା । କିନ୍ତୁ ଉକ୍ତ ସମୟଟି ଅତିବାହିତ ହୋଇଯିବା ପରେ ଏହାର ନିଷିଧାଦେଶ ସେହିପରି ଅବ୍ୟାହତ ରହିଛି ଯେପରି ପୂର୍ବେ ନିଷିଦ୍ଧ ଥିଲା । ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏଠାରେ ଉପସ୍ଥିତ ରହିଛି ସେ ଅନୁପସ୍ଥିତ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ଏହି କଥା ପହଞ୍ଚାଇ ଦେଉ । ଯେଉଁ ବ୍ୟକ୍ତି ତୁମମାନଙ୍କୁ ଏହା କୁହେ କି ରସୁଲୁଲ୍ଲାଃ ସ.ଅ ହରମ୍‌ରେ ରହି ଯୁଦ୍ଧ କରିଥିଲେ, ତେବେ ତୁମେମାନେ ସେହି ବ୍ୟକ୍ତିକୁ କୁହ କି ଅଲ୍ଲାଃତାଲା ଯୁଦ୍ଧକୁ ନିଜର ବାର୍ତ୍ତାବହ ମୁହମ୍ମଦ ସ.ଅଙ୍କ ନିମନ୍ତେ ବୈଧ ବୋଲି ଘୋଷଣା କରିଥିଲେ । କିନ୍ତୁ ଉକ୍ତ ହରମ୍‌ରେ ଯୁଦ୍ଧ କରିବା ତୁମମାନଙ୍କ ନିମନ୍ତେ ବୈଧ ବିବେଚିତ କରି ନାହାନ୍ତି । ହେ ଲୋକମାନେ ! ଲୋକମାନଙ୍କ ମଧ୍ୟରୁ ଅଲ୍ଲାଃତାଲାଙ୍କ ବିପକ୍ଷରେ ସର୍ବାଧିକ ଦୁଃସାହସ ପ୍ରଦର୍ଶକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ହରମ୍‌ରେ ଯୁଦ୍ଧ କଲା କିମ୍ବା ନିଜର ହତ୍ୟାକାରୀ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ହତ୍ୟା କଲା ଅବା ଅଶିକ୍ଷିତ ଯୁଗର ହତ୍ୟା ପ୍ରତିଶୋଧ ଯୋଗୁଁ ଅନ୍ୟ ବ୍ୟକ୍ତିର ହତ୍ୟା କଲା ।

ହେ ବନୁ ଖୁଜାଆ ! ତୁମେମାନେ ହତ୍ୟାରୁ ନିଜର ହାତକୁ ଅଟକାଇ ନିଅ । ତୁମେମାନେ ଜଣେ ବ୍ୟକ୍ତିର ହତ୍ୟା କରିଛ । ମୁଁ ସେହି ବ୍ୟକ୍ତିର ଦିୟତ (କ୍ଷତିପୂରଣ) ପରିଶୋଧ କରିଦେବି । ଆପଣ ସ.ଅ କହିଲେ, ମୁଁ ସେହି ନିହତ ହୋଇଥିବା ବ୍ୟକ୍ତିର କ୍ଷତିପୂରଣ ଦେଇଦେବି ଏବଂ ବର୍ତ୍ତମାନ ଏ ସମ୍ବନ୍ଧରେ ଚୁକ୍ତି ହେବ । ଯେଉଁ ବ୍ୟକ୍ତି ମୋର ପ୍ରତିଭୂ (ଗ୍ୟାରେଣ୍ଟି) ପରେ ଅନ୍ୟ ବ୍ୟକ୍ତିର ହତ୍ୟା କରିବ ତେବେ ତା'ର ପରିବାରକୁ ମୁଁ ଦୁଇଟି ଅଧିକାର ପ୍ରଦାନ କରିବି । 1- ନିହତ ହୋଇଥିବାର ପରିବାର ଯଦି ଚାହିଁବେ ତେବେ ସେମାନେ ଦିୟତ (କ୍ଷତିପୂରଣ) ନେଇପାରିବ ଏବଂ ସେମାନେ ଯଦି ଚାହିଁବେ ତେବେ ହତ୍ୟାକାରୀ ବ୍ୟକ୍ତିକୁ ବଧ କରିଦେବେ । ପୁନଶ୍ଚ ଆପଣ ସ.ଅ ସେହି ବ୍ୟକ୍ତିର କ୍ଷତିପୂରଣ 100ଟି ଓଟ ଦେଇ ପରିଶୋଧ କଲେ । ଅର୍ଥାତ୍ ବନୁ ଖୁଜାଆ ସଂପ୍ରାୟ ବ୍ୟକ୍ତି ଯେଉଁ ବ୍ୟକ୍ତିର ହତ୍ୟା କରିଥିଲେ ସେହି ବ୍ୟକ୍ତିର କ୍ଷତି ପୂରଣ ଆପଣ ସ.ଅ ଓଟ ଆକାରରେ ପ୍ରଦାନ କରିଥିଲେ । ଅତଏବ୍ ଆପଣ ସ.ଅ କ୍ଷତିପୂରଣ ପୈଠ କରିଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-256, 257 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ସେହି ଦିନମାନଙ୍କରେ ଫଜାଲା ବିନ୍ ଉମୈର୍ ଆଁହଜରତ ସ.ଅଙ୍କୁ ହତ୍ୟା କରିବାର ଅପବିତ୍ର ଯୋଜନା ମଧ୍ୟ ପ୍ରକଟିତ ହୋଇଥିଲା । ଏହାର ବିବରଣୀରେ ଉଲ୍ଲେଖ ରହିଛି ଯେ, ମକ୍କା ବିଜୟ ଦିନ ଅନେକ ଲୋକମାନେ ଥିଲେ ଯେଉଁମାନେ ଭିତରେ ଭିତରେ ମନସ୍ତାପ ଏବଂ କ୍ରୋଧିତ ହେଉଥିଲେ । କିନ୍ତୁ ସେମାନେ ଅସହାୟ ଏବଂ ବାଧ୍ୟ ଥିଲେ। ଏହି କାରଣ ଥିଲା କି ମକ୍କାର କିଛି ସାହସୀ ଯୁବକମାନେ ଯେପରି ଇକ୍‌ରମା ଆଦି ଯୁବକମାନେ ନିୟମିତ ରୂପେ ଏକ ଦଳ ଗଠନ କରି ଗୋଟିଏ ସ୍ଥାନରେ ସଶସ୍ତ୍ର ରୂପେ ସଜ୍ଜିତ ହୋଇ ବିକ୍ଷୋଭ ଏବଂ ବାଧା ସୃଷ୍ଟି କରିଥିଲେ । ଏହିପରି ଚିନ୍ତାଧାର ପୋଷଣ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଥିଲା ଯାହାର ନାମ ଫଜାଲା ବିନ୍ ଉମୈର୍ ଥିଲା । ଅତଏବ୍ ଫଜାଲା ବିନ୍ ଉମୈର୍ କହିଲା, ଯେତେବେଳେ ରସୁଲୁଲ୍ଲାଃ ସ.ଅ ଖାନା କାଆବରା ପରିକ୍ରମା କରୁଥିଲେ ସେତେବେଳେ ମୁଁ ମଧ୍ୟ ସେହି ଭିଡ଼ରେ ସାମିଲ୍ ହୋଇଗଲି । ମୁଁ ଭାବିଲି ଯେ, ଆଁହଜରତ ସ.ଅ ଯେତେବେଳେ ମୋର ନିକଟବର୍ତ୍ତୀ ହେବେ ସେତେବେଳେ ମୁଁ ଚୁପ୍ କିନା ନିଜର ଛୁରା ସାହାଯ୍ୟରେ ଆପଣ ସ.ଅଙ୍କ ଉପରେ ଆକ୍ରମଣ କରି **ନାଉଜୁବିଲ୍ଲାଃ** ଆପଣ ସ.ଅଙ୍କୁ ହତ୍ୟା କରିଦେବି। ଏହି ଉଦ୍ଦେଶ୍ୟ ନେଇ ସେ ଆପଣ ସ.ଅଙ୍କ ପଛେ ପଛେ ଚାଲିଲା । ଯେମିତି ସେ ଆପଣ ସ.ଅଙ୍କ ନିକଟବର୍ତ୍ତୀ ହେଲା ସେମିତି ଆପଣ ସ.ଅ ତା'କୁ ଦେଖି ପକାଇଲେ ଏବଂ କହିଲେ, ତୁମେ ଫଜାଲା ଟି ? ସେ କହିଲା, ହଁ ମୁଁ ଫଜାଲା ଅଟେ । ଆଁହଜରତ ସ.ଅ କହିଲେ, ହେ ଫଜାଲା ! କ'ଣ ଭାବୁଛ ? ଫଜାଲା କହିଲା, ଆଜ୍ଞା ମୁଁ ଅଲ୍ଲାଃତାଲାଙ୍କର ନାମ ଭଜୁଛି, ଅଲ୍ଲାଃତାଲାଙ୍କର ନାମ ଚର୍ଚ୍ଚା କରୁଛି । ସେ ମିଛ କହିଲା । ପ୍ରତ୍ୟୁତ୍ତରରେ ଆପଣ ସ.ଅ ସ୍ମିତହାସ୍ୟ ପ୍ରକାଶ କଲେ ଏବଂ କହିଲେ, ହେ ଫଜାଲା ତୁମେ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା କର । ତୁମେ ଯେଉଁ କଥା କହୁଛ ତାହା ତୁମେ କରୁ ନାହଁ । ଆପଣ ସ.ଅ ଫଜାଲା ନିକଟବର୍ତ୍ତୀ ହେଲେ ଏବଂ ତା' ଛାତିରେ ହାତ ରଖିଲେ । ଫଜାଲା ବର୍ଣ୍ଣନା କରନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି "ଆଁହଜରତ ସ.ଅ ମୋର ଛାତିରେ ହାତ ସ୍ପର୍ଶ କଲେ ଏବଂ ମୋ ଛାତିରୁ ହାତ ହଟାଇଲେ ନଥିଲେ କି ମୋତେ ସର୍ବାଧିକ ପ୍ରିୟ ମୁହମ୍ମଦ ସ.ଅ ହିଁ ଲାଗିବାକୁ ଲାଗିଲେ ଏବଂ ସେ ନିଜ ପରିବାର ଆଡ଼କୁ ଫେରି ଆସିଲା । " **(ସବ୍‌ଲୁଲ୍ ହୁଦାର ଅନୁବାଦକ ଭାଗ-5, ପୃ-232 ଜାୱିୟାହ୍ ପବ୍ଲିଶର୍ସ, ଲାହୋର୍) (ତାରିଖୁଲ୍ ଖମିସ୍, ଭାଗ-2, ପୃ-487, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍) (ଦାଏରାହ୍ ମାଆରିଫ୍-ସିରତ୍ ମୁହମ୍ମଦ୍ ସ.ଅ, ଭାଗ-9, ପୃ-170, ବଜ୍‌ମେ ଇକ୍‌ବାଲ୍, ଲାହୋର୍) (ମକ୍କା ବିଜୟ, ଲେଖକ-ବାଶମିଲ୍, ପୃ-241-242, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଫଜାଲା ଏହି ଉଦ୍ଦେଶ୍ୟ (ଆଁହଜରତ ସ.ଅଙ୍କୁ ହତ୍ୟା କରିବାର ଉଦ୍ଦେଶ୍ୟ) ନେଇ ଯାଇଥିଲା । କିନ୍ତୁ ଏହି ଘଟଣା ପରେ ତା'ର କାୟା କଳ୍ପ (ହୃଦୟ ପରିବର୍ତ୍ତନ) ହୋଇଯାଇଥିଲା । ସେହି ଦିନମାନଙ୍କରେ ହ. ଅବୁ ବକ୍କର ର.ଅଙ୍କ ପିତାଶ୍ରୀଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ଘଟଣା ସଂପର୍କରେ ମଧ୍ୟ ଚର୍ଚ୍ଚା ମିଳେ । ହ. ଅବୁ ବକ୍କର ର.ଅଙ୍କ ପିତାଶ୍ରୀ ମକ୍କା ବିଜୟ ପର୍ଯ୍ୟନ୍ତ ବିଶ୍ୱାସ ଆଣି ନଥିଲେ। ସେତେବେଳକୁ ସେ (ହ. ଅବୁ ବକ୍କର ର.ଅଙ୍କ ପିତାଶ୍ରୀ) ନିଜର ଦୃଷ୍ଟି ଶକ୍ତି ହରାଇ ବସିଥିଲେ । ମକ୍କା ବିଜୟ ସମୟରେ ଯେତେବେଳେ ରସୁଲ୍ କରୀମ୍ ସ.ଅ ହରମ୍ (ନିଷିଦ୍ଧାଞ୍ଚଳ)ରେ ପ୍ରବେଶ କଲେ ସେତେବେଳେ ହ. ଅବୁ ବକ୍କର ସିଦ୍ଦିକ୍ ର.ଅ ନିଜର ପିତାଶ୍ରୀଙ୍କୁ ଧରି ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ନବୀ କରୀମ୍ ସ.ଅ ଯେତେବେଳେ ସେମାନଙ୍କୁ ଦେଖିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଅବୁ ବକ୍କର୍ ! ତୁମେ ଏହି ବୃଦ୍ଧ ବ୍ୟକ୍ତିଙ୍କୁ ଘରେ ହିଁ ରହିବାକୁ ଦେଇ ଥାଆନ୍ତ । ଏତେ ଜରା (ବାର୍ଦ୍ଧକ୍ୟ) ବୟସରେ ଏହି ମହୋଦୟଙ୍କୁ ମୋ ପାଖକୁ କାହିଁକି ଆଣିଲ? ମୁଁ ନିଜେ ତାଙ୍କ ପାଖକୁ ଚାଲି ଆସି ଥାଆନ୍ତି । ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ପିତାଶ୍ରୀ ଉକ୍ତ କଥାର ଅଧିକାରୀ (ପିତାଶ୍ରୀଙ୍କ ଏହି ସୌଭାଗ୍ୟ) ଯେ, ପିତାଶ୍ରୀ ଆପଣ ସ.ଅଙ୍କ ସେବାର ଉପସ୍ଥିତ ହେବେ ନା କି ଆପଣ ସ.ଅ ପିତାଶ୍ରୀଙ୍କ ସେବାରେ ଉପସ୍ଥିତ ହେବେ । ହ. ଅବୁ ବକ୍କର ର.ଅ ନିଜ ପିତାଶ୍ରୀଙ୍କୁ ଆଁହଜରତ ସ.ଅଙ୍କ ସମ୍ମୁଖରେ ଯେତେବେଳେ ବସାଇଲେ ସେତେବେଳେ ଆପଣ ସ.ଅ ତାଙ୍କ ଛାତିରେ ହାତ ବୁଲାଇଲେ ଏବଂ କହିଲେ, "ହେ ଅବୁ ବକ୍କରଙ୍କ ପିତାଶ୍ରୀ! ଆପଣ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନିଅନ୍ତୁ । ଆପଣ ଶାନ୍ତିର ସୁରକ୍ଷା ବଳୟ ମଧ୍ୟକୁ ଚାଲି ଆସିବେ । ସୁତରାଂ ସେ ଅର୍ଥାତ୍ ହ. ଅବୁ ବକ୍କର ର.ଅଙ୍କ ପିତାଶ୍ରୀ ଇସ୍‌ଲାମ୍ ଧର୍ମ ସ୍ୱକାରେ କରିନେଲେ ।" **(ଅଲ୍ ଇସାବତା ଫି ତମିଜିସ୍ ସାହାବତା, ଭାଗ-4, ପୃ-374-375, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-232, 233 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ଚର୍ଚ୍ଚା ରହିଛି । ସେହି ଚର୍ଚ୍ଚା ହେଉଛି ଆଁହଜରତ ସ.ଅଙ୍କ ଉମ୍ମେ ହାନୀ ର.ଅଙ୍କ ଘରେ ଆହାର ଗ୍ରହଣ କରିବାର । ଅତଏବ୍ ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ମକ୍କା ବିଜୟ ଦିନ ହ. ଉମ୍ମେ ହାନୀ ର.ଅଙ୍କୁ କହିଲେ, ହେ ଉମ୍ମେ ହାନୀ ! କ'ଣ ତୁମ ନିକଟରେ ଆହାର ରହିଛି ଏବଂ ମୁଁ ସେହି ଆହାରରୁ କିଛି ଆହାର ଗ୍ରହଣ କରିପାରିବି କି ? ଉମ୍ମେ ହାନୀ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପାଖରେ ଶୁଖିଲା ରୁଟି ଖଣ୍ଡ ବ୍ୟତୀତ ଅନ୍ୟ କିଛି ବି ନାହିଁ । ମୋତେ ଲାଜ ମାଡ଼ୁଛି ଯେ, ମୁଁ ଏହି ରୁଟି ଖଣ୍ଡକୁ ଆପଣ ସ.ଅଙ୍କ ସେବାରେ ଉପସ୍ଥାପିତ କରିବି । ଆପଣ ସ.ଅ କହିଲେ, ହେ ଉମ୍ମେ ହାନୀ! ସେହି ଶୁଖିଲା ରୁଟି ଖଣ୍ଡ ହିଁ ମୋ ପାଖକୁ ନେଇ ଆସନ୍ତୁ । ଆପଣ ସ.ଅ ସେହି ଶୁଖିଲା ରୁଟି ଖଣ୍ଡକୁ ଜଳରେ ବୁଡ଼ାଇ ଦେଲେ । ଉମ୍ମେ ହାନୀ ଲୁଣ ନେଇ ଆସିଲେ। ଆପଣ ସ.ଅ କହିଲେ, ହେ ଉମ୍ମେ ହାନୀ ! କ'ଣ ଆପଣଙ୍କ ପାଖରେ କିଛି ଝୋଳ ଅଛି କି? ଉମ୍ମେ ହାନୀ ର.ଅ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ପାଖରେ ସିର୍କା ବ୍ୟତୀତ ଅନ୍ୟ କିଛି ବସ୍ତୁ ନାହିଁ । ଆପଣ ସ.ଅ କହିଲେ, ହଉ ସେହି ସିର୍କା ହିଁ ନେଇ ଆସ । ଆପଣ ସ.ଅ ସେହି ସେହି ସିର୍କା ତକ ଓଦାଳିଆ ରୁଟି ଖଣ୍ଡ ଉପରେ ଊଣ୍ଡାଳିଦେଲେ ଏବଂ ସେହି ରୁଟି ଖଣ୍ଡ ଏବଂ ସିର୍କାରୁ କିଛି ଆହାର ସେବନ କଲେ ଓ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କଲେ । ଆଁହଜରତ ସ.ଅ ପୁନଶ୍ଚ କହିଲେ, "ସିର୍କା ହେଉଛି ସର୍ବୋତ୍ତମ ଝୋଳ ବା ତରକାରୀ । ହେ ଉମ୍ମେ ହାନୀ ! ଯେଉଁ ଘରେ ସିର୍କା ଉପସ୍ଥିତ ଥିବ ସେହି ଘର କେବେ ବି ଗରିବ ଓ ଅଭାବଗ୍ରସ୍ତ ହୋଇ ନଥାଏ । ଅର୍ଥାତ୍ ସେହି ଘରେ ଦାରିଦ୍ର୍ୟତା ଆସି ନଥାଏ ।"**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-235, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ କୃତଜ୍ଞତା ଜ୍ଞାପନ ମଧ୍ୟ କଲେ । ଆଁହଜରତ ସ.ଅଙ୍କ କୃତଜ୍ଞତା ଜ୍ଞାପନ କରିବାର ସୀମା ହିଁ ନଥିଲା ଏବଂ ଆଁହଜରତ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସ.ଅ ଉମ୍ମେ ହାନୀଙ୍କ ମନ ମଧ୍ୟ ରଖିନେଲେ । ଏ ହେଉଛି ମକ୍କା ବିଜୟ କରିଥିବା ବ୍ୟକ୍ତି ଓ ମହାବତାରଙ୍କ ଅବସ୍ଥା ଓ ଆଦର୍ଶ । ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଅନ୍ୟ ଘରମାନଙ୍କରୁ ସବୁ କିଛି ମିଳିପାରି ଥାଆନ୍ତା । କିନ୍ତୁ ଆପଣ ସ.ଅ ସେହି ଶୁଖିଲା ରୁଟି ଖଣ୍ଡକୁ ପର୍ଯ୍ୟାପ୍ତ ମନେକରି ତହିଁରେ ହିଁ ନିଜର ସମୟ ଅତିବାହିତ କରିନେଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ମକ୍କା ଠାରେ ପହଞ୍ଚିବା ଏବଂ ସେଠାରେ ପ୍ରତ୍ୟେକ ବସ୍ତୁକୁ ବିଶେଷ ରୂପେ ଖାନା କାଆବାକୁ ପ୍ରେମ ଦୃଷ୍ଟିରେ ଦେଖିବା ଦ୍ୱାରା ଅନ୍ସାରମାନେ ଏହି ଆଶଙ୍କା କଲେ ଯେ, ଆଁହଜରତ ସ.ଅ ମକ୍କାରେ ହିଁ ରହି ନଯାଆନ୍ତୁ । ତେଣୁ ଏକ ଆପ୍ତ ବାକ୍ୟ ରହିଛି ଯେ, عشق است و ہزار بدگمانی ଅର୍ଥାତ୍ ଏକ ପ୍ରେମ ଥାଏ ଓ ତା' ସହିତ ସହସ୍ର ସହସ୍ର କୁଧାରଣା ଏବଂ ଦ୍ୱନ୍ଦ୍ୱ ମଧ୍ୟ ରହିଥାଏ । ପ୍ରେମ କୁରଥିବା ବ୍ୟକ୍ତି ସର୍ବଦା ନିଜର ପ୍ରେମିକ ସଂପର୍କରେ ଚିନ୍ତିତ ରହିଥାଏ । ପ୍ରେମ, ଆନ୍ତରୀକତା ଓ ବିଶ୍ୱସ୍ତତାର ଅନେକ ଦୃଶ୍ୟ ମକ୍କା ବିଜୟ ଅବସରରେ ଦୃଶ୍ୟମାନ ହୋଇଥିଲା । ସେହି ଦୃଶ୍ୟ ମଧ୍ୟରୁ ଏକ ଅତି ପବିତ୍ର ଏବଂ ଆନନ୍ଦପୂର୍ଣ୍ଣ ଦୃଶ୍ୟ ମଦିନାର ଅନ୍ସାରମାନଙ୍କ ପକ୍ଷରୁ ଦେଖିବାକୁ ମିଳିଥିଲା । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଆସିଲେ, ମକ୍କାରେ ପ୍ରବେଶ କଲେ ଓ ଆପଣ ସ.ଅ ହଜ୍ରେ ଅସ୍ୱଦ୍ ଆଡ଼କୁ ଗଲେ ଏବଂ ହଜ୍ରେ ଅସ୍ୱଦ୍କୁ ଚୁମ୍ବନ ଦେଲେ । ପୁନଶ୍ଚ ଆପଣ ସ.ଅ ବୈତୁଲ୍ଲାଃର ପରିକ୍ରମା କଲେ । ପୁନଶ୍ଚ ସଫା ଓ ମର୍ୱା ପର୍ବତ ଉପରେ ଆପଣ ସ.ଅ ଚଢିଗଲେ । ସେଠାରେ ଚଢି ଆପଣ ସ.ଅ ବୈତୁଲ୍ଲାଃକୁ ଦେଖୁଥିଲେ । ଆପଣ ସ.ଅ ହାତ ଦୁଇଟି ଉଠାଇଲେ ଏବଂ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରିବାକୁ ଲାଗିଲେ । ଅଲ୍ଲାଃତାଲା ଯେତେ ଚାହିଁଲେ ସେତେ ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କଲେ ଓ ଅଲ୍ଲାଃତାଲାଙ୍କ ନିକଟରେ ଆପଣ ସ.ଅ ପ୍ରାର୍ଥନା କଲେ । ଅନ୍ସାରମାନେ ଆପଣ ସ.ଅଙ୍କ ତଳେ ଅର୍ଥାତ୍ ପର୍ବତ ତଳେ ଛିଡ଼ା ହୋଇଥିଲେ । ଆପଣ ସ.ଅ ଦୁଆ କଲେ ଓ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କଲେ ଓ ଅଲ୍ଲାଃତାଲା ଯେତେବେଳ ପର୍ଯ୍ୟନ୍ତ ଚାହିଁଲେ ସେତେବେଳ ପର୍ଯ୍ୟନ୍ତ ଆଁହଜରତ ସ.ଅ ଦୁଆ କଲେ। **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ମନାସିକ୍, ବାବ୍-ଫି ରଫଇଲ୍ ୟଦୈନି ଇଜା ରାଆଲ୍ ବୈତି, ହଦିସ୍ ନଂ-1872)**

ଆଁହଜରତ୍ ସ.ଅଙ୍କ କାର୍ଯ୍ୟବ୍ୟସ୍ତତା ଏବଂ ମକ୍କାବାସୀଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନର ଅବିଶ୍ୱସନୀୟ  ଦୃଶ୍ୟକୁ ଦେଖି ଅନ୍ସାର୍ମାନେ ନିଜର ଚିନ୍ତା ରାଜ୍ୟରେ ହଜିଗଲେ । ସେମାନେ ପରସ୍ପରକୁ କହିବାକୁ ଲାଗିଲେ ଯେ, ଆପଣ ସ.ଅଙ୍କ ଉପରେ ନିଜ ମାତୃ ଭୂମିର ପ୍ରେମ ଏବଂ ନିଜ ସଂପ୍ରଦାୟର ପ୍ରେମ ପ୍ରଭୁତ୍ୱ ବିସ୍ତାର କରି ନେଇଛି। ସମ୍ଭବତଃ ବର୍ତ୍ତମାନ ଆପଣ ସ.ଅ ଏହିଠାରେ ହିଁ ନିଜର ବସ୍ତିରେ, ନିଜର ଆତ୍ମୀୟ ସ୍ୱଜନ ଏବଂ ସଂପର୍କୀୟମାନଙ୍କ ଗହଣରେ ହିଁ ରହିଯିବେ । ସୁତରାଂ ନବୀ କରୀମ୍ ସ.ଅଙ୍କ ବିରହ କଥା ଭାବି ଭାବି ଅନ୍ସାରମାନେ ଦୁଃଖିତ ହୋଇଗଲେ। ହ. ଅବୁ ହୁରୈରାହ୍ ର.ଅ କୁହନ୍ତି ଯେ, ଯେତେବେଳେ ଅନ୍ସାରମାନଙ୍କର ଏହି ଅବସ୍ଥା ଥିଲା ସେତେବେଳେ ଆଁହଜରତ ସ.ଅଙ୍କ ଉପରେ ଇତି ମଧ୍ୟରେ ଐଶୀବାଣୀ ଅବତୀର୍ଣ୍ଣ ହେଲା । ଯେତେବେଳେ ଐଶୀବାଣୀ ଆସୁଥିଲା ସେତେବେଳେ ତାହା ଆମ ସମ୍ମୁଖରେ ଗୁପ୍ତ ହୋଇ ରହୁ ନଥିଲା । ଅତଏବ୍ ଯେତେବେଳେ ଐଶୀବାଣୀ ଆସୁଥିଲା ସେତେବେଳେ ଆମମାନଙ୍କ (ଅନ୍ସରାମାନଙ୍କ) ମଧ୍ୟରୁ କେହି ବି ଆଁହଜରତ ସ.ଅଙ୍କ ଆଡ଼କୁ ଚାହୁଁ (ଦେଖୁ) ନଥିଲା । ଏପର୍ଯ୍ୟନ୍ତ କି ଐଶୀବାଣୀ ସମାପ୍ତ ହୋଇଗଲା । ଯେତେବେଳେ ଐଶୀବାଣୀ ସମାପ୍ତ ହୋଇଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅନ୍ସାର୍ମାନଙ୍କ ଗୋଷ୍ଠୀ ! ଅନ୍ସାର୍ମାନେ ଉତ୍ତର ଦେଲେ ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଉପସ୍ଥିତ ଅଛୁ । ଆପଣ ସ.ଅ କହିଲେ, ତୁମେମାନେ ଏହା ଭାବୁଛ ଯେ, ଏହି (ମୋ ଉପରେ ଅର୍ଥାତ୍ ଆଁହଜରତ ସ.ଅଙ୍କ ଉପରେ) ବ୍ୟକ୍ତି ଉପରେ ମାତୃଭୂମିର ପ୍ରେମ ପ୍ରଭୁତ୍ୱ ଲାଭ ପାଇଛି ? ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହିପରି ପ୍ରତିତ ହେଉଛି। ଆପଣ ସ.ଅ କହିଲେ,  ଯଦି ଏପରି ହେଲା ତେବେ ମୋର ନାମ କ'ଣ ହେବ ? ମୁଁ ମୁହମ୍ମଦ୍ ସ.ଅ ଅଟେ । ମୁଁ ଅଲ୍ଲାଃତାଲାଙ୍କ ଭକ୍ତ ଓ ତାହାଙ୍କ ବାର୍ତ୍ତାବହ ଅଟେ । ମୁଁ ଅଲ୍ଲାଃତାଲାଙ୍କ ସକାଶେ ତୁମମାନଙ୍କ ଆଡ଼କୁ ପ୍ରବାସ କରିଥିଲି । ବର୍ତ୍ତମାନ ମୋର ଜୀବନ, ମୋର ମରଣ ତୁମ ସହିତ ହିଁ ଉଦ୍ଦିଷ୍ଟ ଅଟେ । ପ୍ରତ୍ୟୁତ୍ତରରେ ଅନ୍ସାର୍ମାନେ ସହସା କାନ୍ଦି ଉଠିଲେ। ସେମାନେ କାନ୍ଦି କାନ୍ଦି ଆପଣ ସ.ଅଙ୍କ ଆଡ଼କୁ ଅଗ୍ରସର ହେଲେ ଏବଂ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଅଲ୍ଲାଃତାଲାଙ୍କ ଶପଥ (ରାଣ ଖାଇ) କରି କହୁଛୁ ଯେ, ଆମେମାନେ ଯାହା କିଛି କହିଛୁ ତାହା ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ପ୍ରତି ଥିବା ଗଭୀର ଆନ୍ତରୀକତା ଓ ଆପଣ ସ.ଅଙ୍କ ଠାରୁ ବିରହ ଭୟରେ କହିଥିଲୁ । ରସୁଲୁଲ୍ଲାଃ ସ.ଅ କହିଲେ, ନିଃସନ୍ଦେହ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ତୁମମାନଙ୍କର ଉକ୍ତ କଥାର ପୁଷ୍ଟି କରୁଛନ୍ତି ଏବଂ ତୁମମାନଙ୍କର କ୍ଷମା ପ୍ରାର୍ଥନାକୁ ସ୍ୱୀକାର କରୁଛନ୍ତି । **(ସହି ମୁସ୍ଲିମ୍, ଅନୁବାଦକ-କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ଫତହି ମକ୍କା, ଭାଗ-9, ପୃ-185-189, ହଦିସ୍ ନଂ-3317-3318)**

ଉକ୍ତ ଘଟଣାର ଚର୍ଚ୍ଚା କରି ହ. ମୁସ୍ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ଖାନା କାଆବା ପରିଦର୍ଶନ କରି ଉପସାନାରେ ନିମଜ୍ଜିତ ଥିଲେ ଏବଂ ନିଜ ଜାତି ପ୍ରତି ଦୟା ଓ କ୍ଷମାମୂଳକ ଆଚରଣ ପ୍ରଦର୍ଶନ କରୁଥିଲେ ସେତେବେଳେ ଅନ୍ସାର୍ମାନଙ୍କ ହୃଦୟ ଭିତରେ ଭିତରେ ଆସନ୍ନିତ (ବସି) ଯାଉଥିଲା ଏବଂ ସେମାନେ ପରସ୍ପରକୁ ଇଙ୍ଗିତ କରି କହୁଥିଲେ ଯେ, ବୋଧେ ଆଜି ଆମେମାନଙ୍କୁ ଅଲ୍ଲାଃତାଲା ନିଜର ବାର୍ତ୍ତାବହଙ୍କ ଠାରୁ ଅଲଗା କରି ଦେଉଛନ୍ତି। କାରଣ ତାଙ୍କର ଅର୍ଥାତ୍ ଆଁହଜରତ ସ.ଅଙ୍କର ସହର ମକ୍କାକୁ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ହସ୍ତରେ ବିଜୟ ପ୍ରଦାନ କରିଦେଇଛନ୍ତି ଓ ଆପଣ ସ.ଅଙ୍କର ସଂପ୍ରଦାୟ ଆପଣ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସିଛି । ଯେତେବେଳେ ଅଲ୍ଲାଃତାଲା ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କୁ ଐଶୀବାଣୀ ମାଧ୍ୟମରେ ଅନ୍ସାରମାନଙ୍କର ଏହି ସନ୍ଦେହ ସଂପର୍କରେ ସୂଚନା ପ୍ରଦାନ କଲେ ସେତେବେଳେ ଆପଣ ସ.ଅ ମୁଣ୍ଡ ଉପରକୁ ଉଠାଇଲେ, ଅନ୍ସାର୍ମାନଙ୍କ ଆଡ଼କୁ ଦେଖି କହିଲେ, ହେ ଅନ୍ସାର୍ମାନେ! ତୁମେମାନେ ଭାବୁଥିବ ଯେ, ମୁହମ୍ମଦ ସ.ଅଙ୍କୁ ନିଜ ମାତୃଭୂମି କଥା ବହୁତ ମନେ ପଡୁଥିବ ଓ ଜାତିର ପ୍ରେମ ତାଙ୍କ ହୃଦୟରେ ଉଚ୍ଛୁରିତ ହେଉଥିବ। ଅନ୍ସାର୍ମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ କଥା ସଠିକ୍ ଓ ସତ୍ୟ ଅଟେ ଯେ, ଆମମାନଙ୍କ ହୃଦୟରେ ଏହିପରି ଧାରଣା ଅତିକ୍ରାନ୍ତ ହୋଇଥିଲା । ଆପଣ ସ.ଅ କହିଲେ, ହେ ଅନ୍ସାର୍ମାନେ ! ତୁମେମାନେ ଏକଥା ଜାଣ ଯେ, ମୋର ନାମ କ'ଣ ଅଟେ ? କହିବାର ତାତ୍ପର୍ଯ୍ୟ ଏହିକି ଯେ, ମୁଁ ଅଲ୍ଲାଃତାଲାଙ୍କ ଭକ୍ତ ଏବଂ ତାହାଙ୍କ ବାର୍ତ୍ତାବହ ଅଟେ । ତୁମେମାନେ ଯେଉଁ ଘଡ଼ିସନ୍ଧି ମୁହୂର୍ତ୍ତରେ ଇସଲାମ୍ ଧର୍ମ ସ୍ୱୀକାର କରିଥିଲ ଏବଂ ଇସ୍ଲାମ୍ ଧର୍ମ ସକାଶେ ନିଜର ପ୍ରାଣକୁ ଉତ୍ସର୍ଗ କରିଥିଲ ଅଥଚ ଏହା କିପରି ସମ୍ଭବ ଯେ, ମୁଁ ଯେତେବେଳେ ଜୟଯୁକ୍ତ ହେଲି ସେତେବେଳେ ମୁଁ ତୁମମାନଙ୍କୁ ଛାଡ଼ି ଅନ୍ୟତ୍ର ଚାଲିଯିବି ?

ଆପଣ ସ.ଅ ପୁନଶ୍ଚ କହିଲେ, ହେ ଅନ୍ସାରମାନେ ! ଏପରି କଦାପି ହୋଇପାରିବ ନାହିଁ । ମୁଁ ଅଲ୍ଲାଃତାଲାଙ୍କ ଭକ୍ତ ଓ ତାହାଙ୍କ ବାର୍ତ୍ତାବହ ଅଟେ । ମୁଁ ଈଶ୍ୱରଙ୍କ ସକାଶେ ନିଜର ମାତୃଭୂମିକୁ ପରିତ୍ୟାଗ କରିଥିଲି । ଏତଦ୍ପରେ ମୁଁ ବର୍ତ୍ତମା ନିଜର ମାତୃଭୂମିକୁ ଆଉ ଫେରି ପାରିବି ନାହିଁ । ମୋର ଜୀବନ ତୁମମାନଙ୍କର ଜୀବନ ଅଟେ (ଅର୍ଥାତ୍ ମୁଁ ତୁମମାନଙ୍କ ସହିତ ନିଜର ଜୀବନ ଅତିବାହିତ କରିବି) ଏବଂ ମୋର ମରଣ ତୁମମାନଙ୍କର ମୃତ୍ୟୁ ସହିତ ଜଡ଼ିତ ଅଟେ । ମଦିନାର ଲୋକମାନେ ଆପଣ ସ.ଅଙ୍କ କଥା ଶୁଣି ଏବଂ ଆପଣ ସ.ଅଙ୍କ ପ୍ରେମ ଏବଂ ବିଶ୍ୱସ୍ତତାକୁ ଦେଖି ରୋଦନମୟ ମୁଖ ନେଇ ଆଗକୁ ଅଗ୍ରସର ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଆମେମାନେ ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହଙ୍କ ପ୍ରତି କୁଧାରଣା ବ୍ୟକ୍ତ କରିଅଛୁ । ପ୍ରକୃତ ପ୍ରସଙ୍ଗ ଏହିକିଯେ, ଆମମାନଙ୍କର ହୃଦୟ ଏହି ଧାରଣାକୁ ସହ୍ୟ କରିପାରିବ ନାହିଁ ଯେ, ଈଶ୍ୱରଙ୍କ ବାର୍ତ୍ତାବହ ଆମମାନଙ୍କୁ ଓ ଆମମାନଙ୍କର ସହରକୁ ଛାଡ଼ି ଅନ୍ୟତ୍ର ଚାଲିଯିବେ ? ଆପଣ ସ.ଅ କହିଲେ, "ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ତୁମମାନଙ୍କୁ ଦୋଷମୁକ୍ତ ବୋଲି ମନେକରନ୍ତି ଓ ତୁମମାନଙ୍କର ନିଷ୍ଠାର ପୁଷ୍ଟି କରୁଛନ୍ତି ।"

ଯେତେବେଳେ ମୁହମ୍ମଦ ସ.ଅ ଏବଂ ମଦିନାର ଲୋକମାନଙ୍କ ମଧ୍ୟରେ ଏହି ପ୍ରେମପୂର୍ଣ୍ଣ କଥା ହେଉଥିଲେ ସେତେବେଳେ ମକ୍କାର ଲୋକମାନେ ନିଜ ଆଖିରୁ ଲୁହ ଝରାଇ ନଥିବେ ? ସେମାନଙ୍କର ହୃଦୟ ଅବଶ୍ୟ ଲୁହ ଝରାଇଥିବ । କାରଣ ସେମାନେ ସେହି ବହୁମୂଲ୍ୟ ହୀରାକୁ ଫିଙ୍ଗି ଦେଇଥିଲେ । ଅର୍ଥାତ୍ ଯେଉଁ ଦୁର୍ଲଭ ଏବଂ ବହୁମୂଲ୍ୟ ହୀରା (ଆଁହଜରତ ସ.ଅ)ବ୍ୟତୀତ ଏହି ଧରା ପୃଷ୍ଠରେ ଅନ୍ୟ କୌଣସି ଦୁର୍ଲଭ ରତ୍ନ ମାଣିକ୍ୟ ଏହି ସଂସାରରେ ସୃଷ୍ଟି ହୋଇ ନାହିଁ, ଯେଉଁ ବହୁମୂଲ୍ୟ ହୀରାକୁ ଅଲ୍ଲାଃତାଲା ମକ୍କାବାସୀଙ୍କୁ ପ୍ରଦାନ କରିଥିଲେ ସେମାନେ ସେହି ବହୁମୂଲ୍ୟ, ଦୁଃଷ୍ପ୍ରାପ୍ୟ ହୀରାକୁ ନିଜ ଘରୁ କାଢି ଫିଙ୍ଗି ଦେଲେ (ଅର୍ଥାତ୍ ମକ୍କାର ଅବିଶ୍ୱାସକାରୀମାନେ ଆଁହଜରତ ସ.ଅଙ୍କୁ ନିଜ ଦେଶରୁ ବିତାଡ଼ିତ କରିଥିଲେ ଫଳତଃ ଆଁହଜରତ ସ.ଅ ବାଧ୍ୟ ହୋଇ ମଦିନା ପ୍ରବାସ କଲେ।) । ବର୍ତ୍ତମାନ ସେହି ମୂଲ୍ୟବାନ୍ ହୀରା ଅର୍ଥାତ୍ ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ କୃପା ଏବଂ ଅଲ୍ଲାଃତାଲାଙ୍କ ସାହାଯ୍ୟ ଦ୍ୱାରା ମକ୍କାରେ ପୁନଃ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ଆସିଥିଲେ । ସେହି ମହାବତାର ହ. ମୁହମ୍ମଦ ସ.ଅ ନିଜର ପ୍ରତିଜ୍ଞା ପାଳନ ଏବଂ ପ୍ରତିଶ୍ରୁତି ରକ୍ଷା ତଥା ବିଶ୍ୱସ୍ତତା ପ୍ରଦର୍ଶନ ଯୋଗୁଁ ସ୍ୱଇଚ୍ଛା ଓ ଆତ୍ମ ପ୍ରସନ୍ନତାର ସହିତ ମକ୍କା ଛାଡ଼ି ମଦିନା ଚାଲିଯାଉଛି ।"**(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-349-348, ପ୍ରଥମ ସଂସ୍କରଣ)**

ହୁଜୁର ଅନୱର୍ ଅ.ବ କହିଲେ, ହ. ଇବନେ ଅବ୍ବାସ୍ ର.ଅଙ୍କର ଏକ ବର୍ଣ୍ଣନା ରହିଛି ଯେ, ଅବୁ ସୁଫିୟାନ୍ ଆପଣ ସ.ଅଙ୍କୁ ଦେଖିଲା । ଆପଣ ସ.ଅ ଚାଲୁଥିଲେ ଏବଂ ସାହାବାମାନେ ଆପଣ ସ.ଅଙ୍କ ପଛେ ପଛେ ଚାଲୁଥିଲେ । ଅବୁ ସୁଫିୟାନ୍ ମନରେ କହିଲା, ଏପରି ହୁଅନ୍ତା କି ମୁଁ ଏମାନଙ୍କର ସହିତ ପୁଣି ଯୁଦ୍ଧ କରିଥାଆନ୍ତି ଓ ଏମାନଙ୍କ ବିପକ୍ଷରେ ନିଜର ସୈନ୍ୟବାହିନୀ ଏକତ୍ରିତ କରିପାରି ଥାଆନ୍ତି। ଆପଣ ସ.ଅ ଆସିଲେ ଏବଂ ଆପଣ ସ.ଅ ତା' ଛାତିରେ ନିଜର ହାତକୁ ସ୍ପର୍ଶ କଲେ ଓ କହିଲେ, ହେ ଅବୁ ସୁଫିୟାନ୍ ! ଯେତେବେଳେ ତୁମେ ଆମ ବିପକ୍ଷରେ ସୈନ୍ୟବାହିନୀ ଏକତ୍ରିତ କରି ଯୁଦ୍ଧ କରିବ ସେତେବେଳେ ଅଲ୍ଲାଃତାଲା ତୁମକୁ ତିରସ୍କୃତ କରିଦେବେ। ତୁମେ ଯୁଦ୍ଧ କଥା ଭାବୁଛ । ତୁମେ ଯଦି ଆମ ସହିତ ଯୁଦ୍ଧ କରିଥାଆନ୍ତେ ତେବେ ତୁମେ ତିରସ୍କୃତ ହୋଇ ଯାଇଥାଆନ୍ତ । ଅବୁ ସୁଫିୟାନ୍ କହିଲା, ହେ ମୁହମ୍ମଦ୍ ସ.ଅ ! ମୁଁ ଅଲ୍ଲାଃତାଲାଙ୍କ ସମ୍ମୁଖରେ କ୍ଷମାଯାଚନା କରୁଛି ଏବଂ ମୁଁ ଯାହା କିଛି ମନରେ କହିଛି ସେଥି ନିମନ୍ତେ ମୁଁ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛି । ବର୍ତ୍ତମାନ ମୋର ଏହି ବିଶ୍ୱାସ ହୋଇଯାଇଛି ଯେ, ଆପଣ ହେଉଛନ୍ତି ଅଲ୍ଲାଃତାଲାଙ୍କର ସତ୍ୟାବତାର । ମୁଁ ନିଜ ମନରେ ଏହି କଥା ଭାବୁଥିଲି। ମୁଁ କାହାରିକୁ ଏକଥା କହି ନଥିଲି । କିନ୍ତୁ ଆପଣ ସ.ଅ ମୋ ମନର କଥାକୁ ମୋ ସମ୍ମୁଖରେ ହିଁ ପରିପ୍ରକାଶ କରିଦେଲେ । ଯଦ୍ଦ୍ୱାରାକି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି। **(ଅଲ୍ ଲୁ ଲୁଉଲ୍ ମକନୁନ୍, ସିରତୁନ୍ ନବୀ ଅଲମାମୁନ୍, ଭାଗ-4, ପୃ-63, ରିୟାଜ୍-2013 ମସିହା)(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-249-250, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନୱର୍ ଅ.ବ କହିଲେ, ଖାନା କାଆବାର ଛାତ ଉପରେ ଜୋହୋର୍ ଅଜାନ୍ ଦିଆଗଲା । ଯେତେବେଳେ ନମାଜେ ଜୋହୋର୍ ସମୟ ହେଲା ସେତେବେଳେ ଆପଣ ସ.ଅ ହ. ବିଲାଲ୍ ର.ଅଙ୍କୁ ଆଦେଶ ଦେଲେ । ହ. ବିଲାଲ୍ ର.ଅ ଖାନା କାଆବର ଛାତ ଉପରେ ଚଢି ଅଜାନ୍ ଦେଲେ । **(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-248, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନୱର୍ ଅ.ବ କହିଲେ, ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ସେହି ଦିନ (ମକ୍କା ବିଜୟ ଦିନ) ମସସ୍ତ ନମାଜ୍ ଗୋଟିଏ ୱଜୁରେ ହିଁ ପାଠ କରିଥିଲେ । ଆଁହଜରତ୍ ସ.ଅଙ୍କର ଏହି ପବିତ୍ର ଅଭ୍ୟାସ ରହିଥିଲା କି ଆପଣ ସ.ଅ ସାଧାରଣତଃ ପ୍ରତ୍ୟେକ ନମାଜ ପାଇଁ ସଦ୍ୟ (ନୂଆ ବା ତାଜା) ୱଜୁ କରୁଥିଲେ । କିନ୍ତୁ ଆଜି ଯେତେବେଳେ ସାହାବାମାନେ ଆପଣ ସ.ଅଙ୍କୁ ଗୋଟିଏ ୱଜୁରେ ନମାଜ୍ ପାଠ କରୁଥିବାର ଦେଖିଲେ ସେତେବେଳେ ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେଉଁ କାର୍ଯ୍ୟ ଆପଣ ସ.ଅ କେବେ କରୁ ନଥିଲେ ସେହି କାର୍ଯ୍ୟ ଆଜି ଆପଣ ସମ୍ପାଦନ କରିଛନ୍ତି । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଉମର୍ ! ମୁଁ ଜାଣିଶୁଣି ଏପରି କରିଛି । ବିଦ୍ୱାନ୍ମାନେ ତହିଁରୁ ଏହା ପ୍ରମାଣିତ କରୁଛନ୍ତି ଯେ, ଆଁହଜରତ ସ.ଅ ଆବଶ୍ୟକ ସ୍ଥଳେ ଏପରି କରିବାର ସୁବିଧା ସକାଶେ ଏହି ଉଦାହରଣ ଦେଇଥିଲେ। **(ଅଲ୍ ଲୁ ଲୁଉଲ୍ ମକନୁନ୍, ସିରତୁନ୍ ନବୀ ଅଲମାମୁନ୍, ଭାଗ-4, ପୃ-64-65, ରିୟାଜ୍-2013 ମସିହା)**

ହୁଜୁର ଅନୱର୍ ଅ.ବ କହିଲେ, ଇତି ମଧ୍ୟରେ ଆପଣ ସ.ଅ ସର୍ବସାଧାରଣ ବୈଅତ୍ ମଧ୍ୟ ନେଇଥିଲେ । ଏହାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ହ. ଅସୱଦ୍ ବିନ୍ ଖଲଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ମକ୍କା ବିଜୟ ଦିନ ଆପଣ ସ.ଅଙ୍କୁ ଦେଖିଲେ । ଆପଣ ସ.ଅ ଲୋକମାନଙ୍କ ଠାରୁ ବୈଅତ୍ (ଦୀକ୍ଷା ଗ୍ରହଣ) ନେଉଥିଲେ । ଆପଣ ସ.ଅ **କର୍ନେ ମସ୍ଫଲା** ନାମକ ସ୍ଥାନରେ ବସିଗଲେ । **କର୍ନେ ମସ୍ଫଲା** ମକ୍କାର ପାଦଦେଶ ଦିଗରେ ଅବସ୍ଥିତ ଏକ ଚଟ୍ଟାଣ ଅଟେ ଏବଂ ଇସ୍ଲାମ୍ ଧର୍ମ ନାଁରେ ଲୋକମାନଙ୍କ ଠାରୁ ବୈଅତ୍ ନେଉଥିଲେ । ବୈଅତ୍ ନିମନ୍ତେ ଆବାଳ ବୃଦ୍ଧ ବନୀତା ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଆଁହଜରତ ସ.ଅ ସେମାନଙ୍କ ଠାରୁ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଏବଂ ଏହି ସାକ୍ଷ୍ୟକୁ ଭିତ୍ତି କରି ବୈଅତ୍ ନେଲେ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସନା ଯୋଗ୍ୟ ନୁହେଁ ଓ ମୁହମ୍ମଦ ସ.ଅ ତାହାଙ୍କର (ଅଲ୍ଲାଃତାଲାଙ୍କର) ବାର୍ତ୍ତାବହ ଅଟନ୍ତି ।

ହୁଜୁର ଅନୱର ଅ.ବ କହିଲେ, ଇବ୍ନେ ଜରିର୍ ଜବ୍ରୀ ବର୍ଣ୍ଣନା କରନ୍ତି ଯେ, ଲୋକମାନେ ମକ୍କାରେ ଏକତ୍ରିତ ହୋଇଗଲେ । କାରଣ ସେମାନେ ଇସ୍ଲାମ୍ ଧର୍ମ ଉପରେ (ନାଁରେ) ବୈଅତ୍ କରନ୍ତୁ । ଆପଣ ସ.ଅ ସଫା ପର୍ବର ଉପରେ ବସିଗଲେ। ହ. ଉମର୍ ର.ଅ ତଳେ ଥିଲେ । ଆପଣ ସ.ଅ ଉକ୍ତ କଥା ଉପରେ ଲୋକମାନଙ୍କ ଠାରୁ ବୈଅତ୍ ନେଉଥିଲେ ଯେ, ସେମାନେ ଯଥାସାମର୍ଥ୍ୟ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ କଥା ଶୁଣିବେ ଏବଂ ସେମାନଙ୍କର ଆଜ୍ଞା ପାଳନ କରିବେ । ଯେତେବେଳେ ଆପଣ ସ.ଅ ପୁରୁଷମାନଙ୍କର ବୈଅତ୍ ନେଇ ସାରିଲେ ସେତେବେଳେ ଆପଣ ସ.ଅ ମହିଳାମାନଙ୍କର ବୈଅତ୍ ନେଲେ । ସେହି ମହିଳାମାନଙ୍କ ମଧ୍ୟରେ ଅବୁ ସୁଫିୟାନ୍ର ପତ୍ନି ହିନ୍ଦା ମଧ୍ୟ ଥିଲା । ସେ ନେକାବ୍ (ଓଢଣା) ଘୋଡ଼ାଇ ହୋଇଥିଲା। ସେ ଉକ୍ତ କଥା ଯୋଗୁଁ ଭୟଭୀତ ଥିଲା ଯେ, ଆପଣ ସ.ଅ ତା'କୁ ସେହି ବ୍ୟବହାର ସଂପର୍କରେ ପ୍ରଶ୍ନ କରିବେ ଯେଉଁ ବ୍ୟବହାର ସେ ଆଁହଜରତ ସ.ଅଙ୍କ ଚଚା ହ. ହମ୍ଜା ର.ଅଙ୍କ ପ୍ରତି ପ୍ରଦର୍ଶନ କରିଥିଲା । ତେଣୁ ତା' ମନରେ ଏହି ଭୟ ରହିଥିଲା ଯେ, ତା'କୁ କେହି ଗିରଫ ଯେପରି ନକରି ନିଅନ୍ତୁ। ଯେତେବେଳେ ସେହି ମହିଳାମାନେ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅ କହିଲେ, ହେ ମହିଳାମାନେ ! ତୁମେମାନେ ଉକ୍ତ ପ୍ରସଙ୍ଗ ଉପରେ ମୋର ବୈଅତ୍ କରି ଯେ, ତୁମେମାନେ ଅଲ୍ଲାଃତାଲାଙ୍କ ସହିତ କାହାରିକୁ ସମକକ୍ଷ କରିବା ନାହିଁ, ତୁମେମାନେ ଚୋରି କରିବ ନାହିଁ । ହିନ୍ଦା କହିଲା, ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ମୁଁ ଅବୁ ସୁଫିୟାନ୍ର ଟଙ୍କାରୁ ବେଳେବେଳେ କିଛି ଟଙ୍କା ଚୋରି କରିନେଇଥାଏ । ମୁଁ ଜାଣି ନାହିଁ ଯେ, ଏହା ବୈଧ ଅଟେ ଅବା ବୈଧ ନୁହେଁ । ଅବୁ ସୁଫିୟାନ୍ ସେତେବେଳେ ସେଠାରେ ଉପସ୍ଥିତ ଥିଲା । ସେ କହିଲା, ତୁମେମାନେ ଯେଉଁ ବିଗତ ଧନ ନେଇଛ ତାହା ତୁମ ନିମନ୍ତେ ବୈଧ ଅଟେ । ଅଲ୍ଲାଃତାଲା ତୁମକୁ କ୍ଷମା କରିଦିଅନ୍ତୁ । ରସୁଲୁଲ୍ଲାଃ ସ.ଅ ହିନ୍ଦାକୁ ଚିହ୍ନି ପକାଇଲେ ଏବଂ କହିଲେ, ତୁମେ ହିନ୍ଦ୍ ବିନତ୍ ଉତ୍ବା ଟି ! ହିନ୍ଦା କହିଲା, ଆଜ୍ଞା । କିନ୍ତୁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯାହା ପୂର୍ବେ ହୋଇ ସାରିଛି ତାହା ଆପଣ କ୍ଷମା କରି ଦିଅନ୍ତୁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ଇସ୍ଲାମ୍ ଧର୍ମ ଏବଂ ଆପଣ ସ.ଅଙ୍କ ପବିତ୍ର ଅସ୍ତିତ୍ୱ ବିରୁଦ୍ଧରେ ମୁଁ ଯାହାକିଛି କରିଛି ତାହାକୁ ଆପଣ ସ.ଅ କ୍ଷମା କରି ଦିଅନ୍ତୁ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ମହିଳା ଓ ହିନ୍ଦା ! ତୁମେମାନେ ବ୍ୟଭିଚାର କରିବ ନାହିଁ । ହିନ୍ଦା କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ସ୍ୱାଧୀନ ମହିଳା ବି ବ୍ୟଭିଚାର କରିଥାଏ । ଆପଣ ସ.ଅ କହିଲେ, ହେ ହିନ୍ଦା! ତୁମେ ନିଜ ସନ୍ତାନକୁ ହତ୍ୟା କରିବ ନାହିଁ । ହିନ୍ଦା କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମେମାନେ ଶୈଶବାବସ୍ଥାରେ ଆମ ସନ୍ତାନକୁ ଲାଳନ ପାଳନ କରିଥିଲୁ । କିନ୍ତୁ ସେମାନେ (ଆମର ସନ୍ତାନମାନେ) ଯେତେବେଳେ ବଡ଼ ହେଲେ ସେତେବେଳେ ଆପଣ ସ.ଅ ବଦର୍ ଯୁଦ୍ଧ ଅବସରରେ ସେମାନଙ୍କର ସଂହାର କରିଦେଲେ । ଆପଣ ଜାଣନ୍ତୁ ଏବଂ ସେମାନେ ଜାଣନ୍ତୁ । ଉକ୍ତ କଥା ଶୁଣି ରସୁଲୁଲ୍ଲାଃ ସ.ଅ ଏବଂ ହ. ଉମର୍ ର.ଅ ହସି ପଡ଼ିଲେ । ପୁନଶ୍ଚ ଆପଣ ସ.ଅ କହିଲେ, ହେ ହିନ୍ଦା ! ଯେଉଁ ବ୍ୟକ୍ତି ତୁମ ସମ୍ମୁଖରେ ଛିଡ଼ା ହୋଇଥିବ ସେହି ବ୍ୟକ୍ତି ଉପରେ ତୁମେ ଲାଞ୍ଛନ ଏବଂ ଦୋଷାରୋପଣ କରିବ ନାହିଁ । ହିନ୍ଦା କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କୌଣସି ବ୍ୟକ୍ତି ଉପରେ ଲାଞ୍ଛନ ବା ଦୋଷାରୋପଣ କରିବା ଅତ୍ୟନ୍ତ ଜଘଣ୍ୟ ଓ ଲଜ୍ଜାଜନକ କୃତ୍ୟ ଅଟେ । ଆଉ କେତେକ ପାପ ଏହାଠୁ ବି ଜଘଣ୍ୟ ଅଟେ । ଆପଣ ସ.ଅ ପୁନଶ୍ଚ କହିଲେ, ତୁମେମାନେ ମୋର ଅବଜ୍ଞା ପ୍ରଦର୍ଶନ କରିବ ନାହିଁ । **(ଅଲ୍ ଲୁ ଲୁଉଲ୍ ମକନୁନ୍, ସିରତୁନ୍ ନବୀ ଅଲମାମୁନ୍, ଭାଗ-4, ପୃ-78-79, ରିୟାଜ୍-2013 ମସିହା)(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-247,248, 295 ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ହୁଜୁର ଅନୱର୍ ଅ.ବ କହିଲେ, ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହିନ୍ଦ୍ ବିନତ୍ ଉତ୍ବା ଏହା ବୁଝିନେଲା ଯେ, ସେ ମାର୍ଗଭ୍ରଷ୍ଟ ଥିଲା । ତେଣୁ ସେ ନିଜର ସ୍ୱାମୀ ଅବୁ ସୁଫିୟାନ୍କୁ କହିବାକୁ ଲାଗିଲା ଯେ, ହେ ଅବୁ ସୁଫିୟାନ୍ ! ମୁଁ ମୁହମ୍ମଦ ସ.ଅଙ୍କ ବୈଅତ୍ କରିବାକୁ ଚାହୁଁଛି । ଅବୁ ସୁଫିୟାନ୍ ଆଶ୍ଚର୍ଯ୍ୟଚକିତ ହୋଇ କହିଲା, ହେ ହିନ୍ଦା ! ଆଜି ପର୍ଯ୍ୟନ୍ତ ତୁମେ ଆଁହଜରତ ସ.ଅ ଓ ଇସ୍ଲାମ୍ ଧର୍ମକୁ ଅସ୍ୱୀକାର କରି ଆସୁଥିଲ । ହେଲେ ଆଜି ତୁମ ମଧ୍ୟରେ ଏତେ ବଡ଼ ପରିବର୍ତ୍ତନ କିପରି ଆସିଗଲା ? ହିନ୍ଦା କହିବାକୁ ଲାଗିଲା, ହେ ଅବୁ ସୁଫିୟାନ୍ ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ମକ୍କା ବିଜୟ ଦିନ ମୁସଲମାନମାନଙ୍କୁ ମୁହମ୍ମଦ୍ ସ.ଅଙ୍କ ସହିତ ଉପାସନା କରୁଥିବାର ଦେଖିଅଛି। ମୁହମ୍ମଦ ସ.ଅଙ୍କ ସାଥିମାନେ ରାତି ସାରା ଖାନା କାଆବାରେ ଏହିପରି ଉପାସନା କରୁଥିଲେ । କେହି ଛିଡ଼ା ହୋଇଥିଲା, ତ' ଆଉ କେହି ରୁକୁ ଓ ସିଜ୍ଦା ଅବସ୍ଥାରେ ଥିଲା । ଏହିପରି ଉପାସନା କରୁଥିବା ମୁଁ ଆଜି ପର୍ଯ୍ୟନ୍ତ କାହାରିକୁ

---

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

---

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon, Odisha

ଦେଖି ନାହିଁ । ଅବୁ ସୁଫିୟାନ୍ କହିଲା, ହେ ହିନ୍ଦା ତୁମେ ଯଦି ଆଁହଜରତ ସ.ଅଙ୍କ ପାଖକୁ ଯିବାକୁ ଚାହୁଁଛ ତେବେ ତୁମେ ନିଜ ସଂପ୍ରଦାୟର କୌଣସି ବ୍ୟକ୍ତି ସହିତ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେବ । ସୁତରାଂ ହିନ୍ଦା ନିଜ ଜାତିର ଲୋକ ସହିତ ଅର୍ଥାତ୍ ହ. ଉମର୍ ର.ଅଙ୍କ ନିକଟକୁ ଗଲା ଏବଂ ତାଙ୍କୁ ସଙ୍ଗରେ ଧରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଓ ନିଜର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଘଟଣା ବର୍ଣ୍ଣନା କଲା । ହିନ୍ଦାର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ସେ ନିଜ ଘରକୁ ଗଲା ଏବଂ ଘରେ ଯେଉଁ ପିତୁଳା, ଠାକୁର ରଖିଥିଲା ତାହାକୁ ସେ ଭାଙ୍ଗି ଚୁରମାର କରିଦେଲା ଏବଂ କହିବାକୁ ଲାଗିଲା ଯେ, ହେ ପିତୁଳା ! ତୋ ଯୋଗୁଁ ହିଁ ଆମମାନେ ଦୁଃଖରେ ପୀଡ଼ିତ ହୋଇଥିଲୁ । **(ଅଲ୍ ଇସାବତା ଫି ତମିଜିସ୍ ସାହାବତା, ଭାଗ-8, ପୃ-347, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ମକ୍କା ବିଜୟ, ଲେଖକ-ବାଶ୍‌ମିଲ୍, ପୃ-311, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହିନ୍ଦା ଇସ୍‌ଲାମ ଧର୍ମ ସ୍ୱୀକାର କରିବା ପରେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ସେହି ଅଲ୍ଲାଃ ହିଁ ନିଜର ଏହି ଧର୍ମକୁ ବିଜୟ ପ୍ରଦାନ କଲେ । ଅର୍ଥାତ୍ ଅଲ୍ଲାଃତାଲା ଯେଉଁ ଧର୍ମକୁ (ଇସଲାମ୍ ଧର୍ମକୁ) ପସନ୍ଦ କରିଥିଲେ ସେହି ଧର୍ମକୁ ସେ ବିଜୟ ପ୍ରଦାନ କଲେ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ କରୁଣା ଏବଂ ଦୟାର କିଞ୍ଚିତ ଅଂଶ ମୋତେ ମିଳି ପାରିବ କି ? ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ହେଉଛି ସେହି ନାରୀ ଯିଏ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ନେଇ ଆସିଛି ଏବଂ ଉକ୍ତ କଥାର ମୁଁ ପୁଷ୍ଟି କରୁଅଛି । ଆପଣ ସ.ଅ କହିଲେ, ହେ ହିନ୍ଦ୍ (ହିନ୍ଦା) ! ତୁମକୁ ମୁଁ ଇସ୍‌ଲାମ୍ ଧର୍ମରେ ସ୍ୱାଗତ ଜଣାଉଛି । ହିନ୍ଦ୍ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ଭୂପୃଷ୍ଠର ଥିବା ଶିବିର ମଧ୍ୟରୁ କାହା ସଂପର୍କରେ ଏହା ଚାହୁଁ ନାହିଁ ଯେ, ସେ ଆପଣ ସ.ଅଙ୍କ ଶିବିର ଦ୍ୱାରା ତିରସ୍କୃତ ହେଉ । କିନ୍ତୁ ବର୍ତ୍ତମାନ ମୋତେ ଭୂପୃଷ୍ଠରେ ସମସ୍ତ ଶିବିରବାସୀଙ୍କ ସମ୍ମାନ ଅପେକ୍ଷା ଆପଣ ସ.ଅଙ୍କ ଶିବିରର ସମ୍ମାନ ସର୍ବାଧିକ ଶ୍ରେୟସ୍କର ବୋଲି ମନେହେଉଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ହିନ୍ଦା ଇସଲାମ୍ ଧର୍ମ ସ୍ୱୀକାର କରିବା ପରେ ଆଁହଜରତ ସ.ଅଙ୍କ ଠାରୁ ନିଜ ପ୍ରେମ ଓ ନିଷ୍ଠାର ପରିପ୍ରକାଶ ଏହିପରି କଲା ଯେ, ହିନ୍ଦା ଦୁଇଟି ଛେଳି ଛୁଆ ନିଆଁରେ ପୋଡ଼ି ଆପଣ ସ.ଅଙ୍କ ସେବାରେ ଦସୀ ହାତରେ ପ୍ରେରଣ କଲା । ଦାସୀ ଜଣକ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାଲିକାଣୀ (ହିନ୍ଦା) ଏହି ପୋଡ଼ା ଛେଳୀ ମାଂସ ଆପଣ ସ.ଅଙ୍କ ସେବାରେ ପଠାଇଛନ୍ତି । ସେ ଏହି କ୍ଷମା ପ୍ରାର୍ଥନା କରିଛନ୍ତି ଯେ, ଆଜିକାଲି ଆମମାନଙ୍କ ଛେଳୀମାନଙ୍କର ଛୁଆ ସଂଖ୍ୟା ଟିକେ କମ୍ ରହିଛି । ସେଇଥି ପାଇଁ ମୁଁ (ହିନ୍ଦ୍) ଦୁଇଟି ଛେଳୀ ଛୁଆ ପଠାଇଛି । ଆପଣ ସ.ଅ କହିଲେ, ଅଲ୍ଲାଃତାଲା ତୁମମାନଙ୍କ ଛେଳୀ, ଏବଂ ଛେଳୀ ଛୁଆଙ୍କ ମଧ୍ୟରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ। ପରବର୍ତ୍ତୀ ସମୟରେ ଏହି ଦାସୀ ଜଣକ କହିଲା କି ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ଯେ, ମୁଁ ଛେଳୀ ଓ ଛେଳୀ ଛୁଆମାନଙ୍କର ଏତେ ଅଧିକ ସଂଖ୍ୟା ଦେଖିଲି ଯେ, ମୁଁ ଏପରି ସଂଖ୍ୟା କେବେ ବି ଦେଖି ନଥିଲି । ହ. ହିନ୍ଦ୍ କୁହନ୍ତି ଯେ, ଏହି ଛେଳୀ ସଂଖ୍ୟା ହୁଜୁର ସ.ଅଙ୍କ ଦୁଆ ମଧ୍ୟମରେ ହିଁ ସମ୍ଭବପର ହୋଇ ପାରିଛି । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-255, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସିରତୁଲ୍ ହଲବିୟାହ୍, ବାବ୍- ଜିକ୍ରୁ ମୁଗାଜିୟାହ୍, ଭାଗ-3, ପୃ-139, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ଏବଂ ଅବୁ ସୁଫିୟାନଙ୍କ ପତ୍ନି ହିନ୍ଦାର ବୈଅତ୍‌ର ଘଟଣା ଏହିପରି ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କୁହନ୍ତି : "ହିନ୍ଦା ହେଉଛି ସେହି ମହିଳା ଯିଏ ହ. ହମ୍‌ଜା ର.ଅଙ୍କ ଶବକୁ ବିକୃତ କରିଥିଲା । ଆପଣ ସ.ଅ ଏହା ଉଚିତ୍ ବଲି ମନକଲେ ଯେ, ଏହି ବର୍ବରତାମୂଳକ କୃତ୍ୟ ଏବଂ ମାନବତା ବିରୁଦ୍ଧୀୟ ଆଚରଣର ଶାସ୍ତି ଅବଶ୍ୟ ଦିଆଯାଉ । ସେତେବେଳେ ପରଦାର ଆଦେଶ ଅବତୀର୍ଣ୍ଣ ହୋଇ ସାରିଥିଲା । ମହିଳାମାନେ ଯେତେବେଳେ ବୈଅତ୍ କରିବା ନିମନ୍ତେ ଆଁହଜରତ ସ.ଅଙ୍କ ପାଖକୁ ଆସିଲେ ସେତେବେଳେ ହିନ୍ଦା ମଧ୍ୟ ଚଦର ଘୋଡ଼େଇ ହୋଇ ଲୋକମାନଙ୍କ ସହିତ ଚାଲି ଆସିଲା ଏବଂ ବୈଅତ୍ କରିନେଲା । ଯେତେବେଳେ ସେ ଏହି ବାକ୍ୟରେ ପହଞ୍ଚିଲା ଯେ, ଆମେମାନେ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବୁ ନାହିଁ) କରିବୁ ନାହିଁ । ହିନ୍ଦାର ସ୍ୱଭାବ ଟିକେ ତ୍ୱରିତ ସ୍ୱଭାବ ଥିଲା। ସେ ଏକଥା କହିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେ ପୁଣି ସିର୍କ କରିବୁ? ଆପଣ ସ.ଅ ଏକୁଟିଆ ଥିଲେ ଏବଂ ଆମେମାନେ ପୂର୍ଣ୍ଣ ସକ୍ତି ତଥା ସାମର୍ଥ୍ୟର ସହିତ ଆପଣ ସ.ଅଙ୍କର ମୁକାବିଲା କଲୁ । ଯଦି ଆମମାନଙ୍କର ଈଶ୍ୱର ସତ୍ୟ ହୋଇଥାଆନ୍ତେ ତେବେ ଆପଣ କିପରି ଓ କାହିଁକି ବା ସାଫଲ୍ୟମଣ୍ଡିତ ହୋଇପାରି ଥାଆନ୍ତେ ? ଆମମାନଙ୍କର ସେହି ଦେବତାମାନେ ନିରର୍ଥକ ପ୍ରମାଣିତ ହେଲେ ଏବଂ ଆମେମାନେ ପରାସ୍ତ ହୋଇଗଲୁ । ରସୁଲ୍ କରୀମ୍ ସ.ଅ କହିଲେ, ଏହି ମହିଳା ଜଣକ ହିନ୍ଦା ଅଟେ କି ? ଆପଣ ସ.ଅ ହିନ୍ଦାର ସ୍ୱରକୁ ଚିହ୍ନିଥିଲେ । କାରଣ ହିନ୍ଦା ଆପଣ ସ.ଅଙ୍କ ସଂପର୍କୀୟା ଥିଲା । ହିନ୍ଦା କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ମୁଁ ମୁସଲମାନ ହୋଇ ସାରିଛି । ବର୍ତ୍ତମାନ ଆପଣ ସ.ଅଙ୍କୁ ମୋର ସଂହାର କରିବାର କୌଣସି ଅଧିକାର ଆଉ ନାହିଁ । ରସୁଲୁଲ୍ଲାଃ ସ.ଅ ହସି ଦେଲେ ଏବଂ କହିଲେ, ହେ ହିନ୍ଦା ବର୍ତ୍ତମାନ ତୁମକୁ ଆଉ କେହି ବି ଧରି ପାରିବ ନାହିଁ । ଅର୍ଥାତ୍ ଦଣ୍ଡ ଦେଇ ପାରିବ ନାହିଁ । ଅତଏବ୍ ସେହି ଆରବ୍ୟ ଅବିଶ୍ୱାସକାରୀ ଜାତି ଯିଏ ଏହା ଏହା ମନେକରୁଥିଲା ଯେ, ଆପଣ ସ.ଅ ସମସ୍ତ ଈଶ୍ୱରଙ୍କୁ ଭାଙ୍ଗି ଏକେଶ୍ୱର କରିଦେଇଛନ୍ତି। ସେହି ଜାତିମାନଙ୍କ ମଧ୍ୟରେ ଏତେ ପରିବର୍ତ୍ତନ ସୃଷ୍ଟି ହୋଇଯାଇଛି ଯେ, ହିନ୍ଦା ଭଳି ଜଣେ ନାରୀ ଉକ୍ତ କଥା କହୁଛି ଯେ, କ'ଣ କୌଣସି ବ୍ୟକ୍ତି ଏକଥା କହିପାରିବ ଯେ, ଈଶ୍ୱର ଏକ ନୁହନ୍ତି?" **(ଅପ୍‌ନେ ଫରାଏଜ୍ କି ଅଦାଏଗି ମେଁ ରାତ୍ ଦିନ୍ ମୁନ୍‌ହମିକ୍ ରହୋ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-14, 15)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୈଅତ୍‌ର ସେହି ଦିନମାନଙ୍କରେ ଏକ ଘଟଣାର ଚର୍ଚ୍ଚା ମିଳେ । ଜଣେ ବ୍ୟକ୍ତି ବୈଅତ୍ କରିବା ନିମନ୍ତେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଆପଣ ସ.ଅଙ୍କ ପ୍ରତାପ, ବିଭବମୂଳକ ଆତଙ୍କକୁ ଦେଖି ସେ ଭୟରେ ଥରହର ହେଉଥିଲା । ଆପଣ ସ.ଅ ସେହି ବ୍ୟକ୍ତିକୁ ସାନ୍ତ୍ୱନା ଦେଲେ ଏବଂ କହିଲେ, "ବସ ! ଭୟକର ନାହିଁ, ମୁଁ କୌଣସି ସମ୍ରାଟ୍ ନୁହେଁ । ମୁଁ ସେହି ଜନନୀଙ୍କ ସନ୍ତାନ ଅଟେ ଯିଏ ମକ୍କାରେ ଶୁଖିଲା ମାଂସ ଭକ୍ଷଣ (ଖାଉଥିଲେ) କରୁଥିଲେ ।" **(ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ସିରତୁନ୍ ନବୀ ଅଲମାମୁନ୍, ଭାଗ-4, ପୃ-88, ରିୟାଜ୍-2013 ମସିହା) (ସୁନନ୍ ଇବ୍‌ନେ ମାଜା, କିତାବଲୁ ଅତ୍‌ଇମତି, ବାବ୍- ଅଲ କଦିର୍, ହଦିସ୍ ନଂ-3312)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ଦୋଷୀ ଏବଂ ଅପରାଧୀମାନଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅ ମୃତ୍ୟୁଦଣ୍ଡ ଆଦେଶ ଦେଇଥିଲେ, ସେମାନଙ୍କର ସଂକ୍ରାନ୍ତରେ ନାନା ବର୍ଣ୍ଣନାମାନ ଉଲ୍ଲେଖ ରହିଛି । କେତେକ ଲୋକମାନଙ୍କୁ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଥିଲା ଏବଂ ଘଟଣା ମଧ୍ୟ ଏହା ହିଁ ସୂଚାଏ ଯେ, ଆପଣ ସ.ଅ କେତେକ ଲୋକମାନଙ୍କୁ କ୍ଷମା ପ୍ରଦାନ କରି ଦେଇଥିଲେ । ଅର୍ଥାତ୍ ଯେଉଁ କାରଣରୁ ଆଁହଜରତ ସ.ଅ ବଧ ବା ସଂହାର ନିମନ୍ତେ ଆଦେଶ ଦେଇଥିଲେ ସେହି ଆଦେଶ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି । ଏହା ସ୍ପଷ୍ଟ ରୂପେ ଆଁହଜରତ ସ.ଅଙ୍କ କର୍ମ ଏବଂ ସ୍ୱଭାବ ବା ଆଚରଣ ବିରୁଦ୍ଧୀୟ ଅଟେ । ସେ ଯାହା ହେଉ ମୁଁ ଆଗ ଏଠାରେ ସେହି ଘଟଣାବଳୀକୁ ବର୍ଣ୍ଣନା କରିଦେଉଛି ଯେ, ସେହି ଅପରାଧୀ, ସେହି ହତ୍ୟାକାରୀ କେଉଁମାନେ ଥିଲେ? ଇତିହାସରେ କେତେକ ସ୍ଥାନରେ ଉକ୍ତ ଘଟଣାବଳୀ ସଂକ୍ରାନ୍ତରେ ଚର୍ଚ୍ଚା ହୋଇଛି ଏବଂ ପରବର୍ତ୍ତୀ ସମୟରେ ଏହାର ଖଣ୍ଡନ ମଧ୍ୟ ବର୍ଣ୍ଣନା କରିଦେବି ।

ଇବ୍‌ନେ ଇସ୍‌ହାକ୍ ଚର୍ଚ୍ଚା କରିଛନ୍ତି ଯେ, ସେହି ସଦସ୍ୟ ଯେଉଁମାନଙ୍କ ଅପରାଧ ସଂପର୍କକେର ଆଁହଜରତ ସ.ଅ କହିଥିଲେ ଯେ, ସେହି ଅପରାଧୀମାନେ ଯେଉଁଠି ବି ନଜର ଆସନ୍ତି ତେବେ ସେମାନଙ୍କର ସଂହାର କରିଦିଆଯାଉ । ଅତଏବ୍ ସେହି ଅପରାଧୀନେ 8 ଜଣ ପୁରୁଷ ଓ 6 ଜଣ ମହିଳାମାନେ ଥିଲେ । ଉକ୍ତ ଘଟଣାର ଚର୍ଚ୍ଚା ଫତ୍‌ହୁଲ୍ ବାରିରେ ଉଲ୍ଲେଖ ରହିଛି । ସିରତୁଲୁ ହଲବିୟାରେ ଉଲ୍ଲେଖ ରହିଛି ଯେ, ଏହି ଅପରାଧୀମାନଙ୍କର ସଂଖ୍ୟା 11 ଥିଲା । ୱାକିଦି ଉଲ୍ଲେଖ କରନ୍ତି ଯେ, ଏହି ଅପରାଧୀମାନଙ୍କ ସଂଖ୍ୟା 10 ଥିଲା । ତନ୍ମଧ୍ୟରେ 6 ଜଣ ପୁରୁଷ ଓ 4 ଜଣ ମହିଳାମାନେ ରହିଥିଲେ । **(ଫତ୍‌ହୁଲ୍ ବାରି, ଭାଗ-8, ପୃ-14, କିତାବୁଲ୍ ମୁଗାଜି, ହଦିସ୍ ନଂ-4280, ଆରାମା ବାଗ୍ କରାଚୀ) (ସିରତୁଲ୍ ହଲବିୟାହ୍, ଭାଗ-3, ପୃ-117, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(କିତାବୁଲ୍ ମୁଗାଜି, ୱାକିଦି, ଭାଗ-2, ପୃ-258, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନୱର୍ ଅ.ବ କହିଲେ, ବୁଖାରୀର ଶରହ୍ ଫତ୍‌ହୁଲ୍ ବାରିରେ ଏହି 14 ଜଣ ବ୍ୟକ୍ତିଙ୍କର ନାମୋଲ୍ଲେଖ ରହିଛି ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ତନ୍ମଧ୍ୟରେ ଅବ୍‌ଦୁଲ୍ ଉଜ୍ଜା ବିନ୍ ଖଜଲ୍, ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସରାହ୍ ଇକ୍ରମା ବିନ୍ ଅବି ଜହଲ୍, ମିକ୍‌ୟସ୍ ବିନ୍ ସୁବାବା ଓ ହବ୍‌ବାର୍ ବିନ୍ ଅସ୍‌ୱଦ୍ ଆଦି ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ ଅଟନ୍ତି । **(ଫତହୁଲ୍ ବାରି, ଭାଗ-8, ପୃ-13, କଦିମି କୁତୁବ୍ ଖାନା, ଆରାମା ବାଗ୍ କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ହଦିସ୍ ରହିଛି ଯେ, ରସୁଲ୍ କରୀମ୍ ସ.ଅ ମକ୍କା ବିଜୟ ଦିନ 4 ଜଣ ପୁରୁଷ ଓ 4 ଜଣ ମହିଳାମାନଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଶାନ୍ତି ପ୍ରଦାନ କରିଥିଲେ । ଆପଣ ସ.ଅ କହିଲେ, ଏହି ସମସ୍ତ ଦୋଷୀ ଓ ଅପରାଧୀମାନ ଯଦି ଖାନା କାଆବାର ଚଦରକୁ ଧରି ଓହଳି ଥାଆନ୍ତୁ ପଛେ ଏମାନଙ୍କର ସଂହାର କରିଦିଅ । **(ସୁନନୁନ୍ ନିସାଇ, କିତାବୁଲ୍ ମୁହାରିବା, ତହ୍‌ରିମୁଦ୍ ଦମି, ବାବ୍-ଅଲ୍ ହୁକ୍‌ମୁ ଫିଲ୍ ମୁରତଦ୍ଦି, ହଦିସ୍, 4072)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ମକ୍କା ବିଜୟ ଦିନ 4 ଜଣ ସଦସ୍ୟଙ୍କ ବ୍ୟତୀତ ଅନ୍ୟ ସମସ୍ତ ଦୋଷୀ ତଥା ଅପରାଧୀମାନଙ୍କୁ ଶାନ୍ତି ପ୍ରଦାନ କରି ଦେଇଥିଲେ । ତନ୍ମଧ୍ୟରେ ଅବ୍‌ଦୁଲ୍ ଉଜ୍ଜା ବିନ୍ ହନ୍‌ଜଲ୍, ମୁକିସ୍ ବିନ୍ ସୁବାବା, ଅବ୍‌ଦୁଲ୍ଲାଃ ବିନ୍ ସାଆଦ୍ ବିନ୍ ଅବି ସର୍‌ରାହ୍ ଏବଂ ଉମ୍ମେ ସାରା ଇତ୍ୟାଦି ବ୍ୟକ୍ତିମାନେ ରହିଥିଲେ । **(ଅଲ୍‌ବଦାୟା ୱନ୍ ନହାୟିୟାହ୍, ଭାଗ-6, ପୃ-562, ମକ୍‌ତବା, ଦାରି ହିଜ୍ରତ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜନୈକ ଜୀବନୀ ଲେଖାଳୀ ଉଲ୍ଲେଖ କରନ୍ତି ଯେ, ଯେଉଁ ଲୋକମାନଙ୍କ ସଂହାରକୁ ବୈଧ ଏବଂ ଉଚିତ୍ ବୋଲି ବିବେଚିତ କାରଯାଇଥିଲା ସେମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିଙ୍କୁ ଆଁହଜରତ ସ.ଅ କ୍ଷମା ପ୍ରଦାନ କରିଦେଇଥିଲେ ଏବଂ କେବଳ କିଛି ବ୍ୟକ୍ତିମାନେ ନିହତ ହୋଇଥିଲେ ଯେଉଁମାନଙ୍କୁ ଆଁହଜରତ ସ.ଅଙ୍କ ସାଧାରଣ କ୍ଷମା ଘୋଷଣା ପୂର୍ବରୁ ହିଁ ସଂହାର କରିଦିଆ ଯାଇଥିଲା । **(ମକ୍କା ବିଜୟ, ଲେଖକ-ବାଶ୍‌ମିଲ୍, ପୃ-261-262, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେବଳ 11 ଜଣ ପୁରୁଷ ଏବଂ 4 ଜଣ ମହିଳାମାନେ ଏପରି ଥିଲେ ଯେଉଁମାନଙ୍କ ସଂକ୍ରାନ୍ତରେ ଅତ୍ୟନ୍ତ କ୍ରୁରତାମୂଳକ ହତ୍ୟା ଅପରାଧ ଏବଂ ଉପଦ୍ରବ ଅପରାଧ ସିଦ୍ଧ ହୋଇଥିଲା । ଏମାନେ ଯୁଦ୍ଧର ଦୋଷୀ ଥିଲେ ଏବଂ ଏମାନଙ୍କ ସଂକ୍ରାନ୍ତରେ ରସୁଲ୍ କରୀମ୍ ସ.ଅଙ୍କ ଆଦେଶ ରହିଥିଲା କି ଏମାନଙ୍କର ସଂହାର କରିଦିଆଯାଉ । କାରଣ ଏମାନେ କେବଳ ଅବିଶ୍ୱାସକାରୀ ଓ କଳହର ଦୋଷୀ ନଥିଲେ ବରଂ ଯୁଦ୍ଧର ମଧ୍ୟ ଦୋଷୀ ଅଟନ୍ତି ।........କିନ୍ତୁ ଏହି ଦୋଷୀମାନଙ୍କ ମଧ୍ୟରୁ ଅନେକ ଦୋଷୀମାନଙ୍କୁ ମୁସଲମାନମାନଙ୍କ ସୁପାରିଶ୍ କ୍ରମେ ଆପଣ ସ.ଅ ଛାଡ଼ିଦେଲେ ।

**(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-344-349)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ଦୋଷୀମାନଙ୍କ ମଧ୍ୟରୁ ଅନେକ ଦୋଷୀ ତଥା ଅପରାଧୀମାନଙ୍କୁ ଛାଡ଼ି ଦିଆଗଲା । ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, "ହ. ଖାତମୁଲ୍ ଅମ୍ବିୟା ମୁହମ୍ମଦ୍ ସ.ଅ ମକ୍କାବାସୀଙ୍କୁ ଏବଂ ଅନ୍ୟ ଲୋକମାନଙ୍କ ଉପରେ ପୂର୍ଣ୍ଣ ରୂପେ ବିଜୟ ପ୍ରାପ୍ତ କରି ସେମାନଙ୍କୁ ନିଜ ଖଡ଼୍‌ଗ ତଳେ ଦେଖି ସେମାନଙ୍କର ଅପରାଧକୁ କ୍ଷମା ପ୍ରଦାନ କରିଦେଲେ । ଆପଣ ସ.ଅ କେବଳ ସେହି ଲୋକମାନଙ୍କୁ ଶାସ୍ତି ଦେଲେ ଯେଉଁମାନଙ୍କୁ ଶାସ୍ତି ଦେବା ନିମନ୍ତେ ଈଶ୍ୱରଙ୍କ ତରଫରୁ ଚୂଡ଼ାନ୍ତ ଆଦେଶ ପ୍ରଣୀତ (ମିଳି ସାରିଥିଲା) ହୋଇ ସାରିଥିଲା। ଯେଉଁମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ସ୍ପଷ୍ଟ ରୂପେ କହି ଦେଇଥିଲେ ଯେ, ସେହି ଅଭିଶପ୍ତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶତ୍ରୁଙ୍କ ଅପରାଧକୁ ଆଁହଜରତ ସ.ଅ କ୍ଷମା କରି ଦେଇଥିଲେ ।" **(ବରାହିନେ ଅହମଦିୟା, ଭାଗ-3, ରୁହାନୀ ଖଜାଏନ୍, ଭାଗ-1, ପୃ-286-287, ଅବଶିଷ୍ଟ ବି.ଦ୍ର ସଂଖ୍ୟା-11)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ସଦସ୍ୟଙ୍କୁ ବଧ କରାଯାଇଥିଲା ଇତିହାସରେ ତା'ର କାରଣ ମଧ୍ୟ ବର୍ଣ୍ଣନା କରାଯାଇଛି । ସେହି କାରଣଗୁଡ଼ିକୁ ମୁଁ ଏଠାରେ ବର୍ଣ୍ଣନା କରି ଦେଉଛି । କିନ୍ତୁ ସେ ଯାହା ହେଉ ସେହି କାରଣଗୁଡ଼ିକ ସାନ୍ତ୍ୱନାମୂଳକ ନୁହନ୍ତି । ଯେଉଁ **ପ୍ରଥମ** ନାମଟି ଉଲ୍ଲିଖିତ ହୋଇଛି ଅର୍ଥାତ୍ ଅବ୍‌ଦୁଲ୍ ଉଜ୍ଜା ବିନ୍ ଖତଲ୍‌ର । ସେ ପ୍ରଥମେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲା । ରସୁଲୁଲ୍ଲାଃ ସ.ଅ ତା'ର ନାମ ଅବ୍‌ଦୁଲ୍ଲାଃ ରଖିଥିଲେ । ସେ ମଦିନା ଆଡ଼କୁ ପ୍ରବାସ କରିଥିଲା। ଆପଣ ସ.ଅ ତା'କୁ ଜକାତ୍ ଆଦାୟ କରିବା ନିମନ୍ତେ ତା' ସହିତ ଯେତେବେଳେ ଖୁଜାଅ ସଂପ୍ରଦାୟର ଜଣେ ବ୍ୟକ୍ତିକୁ ପ୍ରେରଣ କରିଥିଲେ । ବନୁ ଖୁଜାଆ ସଂପ୍ରଦାୟର ସେହି ବ୍ୟକ୍ତି ଅବ୍‌ଦୁଲ୍ ଉଜ୍ଜା ବିନ୍ ଖତଲ୍ ପାଇଁ ଖାଦ୍ୟ ରାନ୍ଧୁଥିଲା ଏବଂ ତା'ର ସେବା ଶୁଶ୍ରୂଷା କରୁଥିଲା । ଏହି ବ୍ୟକ୍ତି ଦ୍ୱୟ ଏକ ସ୍ଥାନରେ ଶିବିର ସ୍ଥାପନ କଲେ ଯେଉଁଠି ଲୋକମାନେ ଏକତ୍ରିତ ହୋଇ ଜକାତ୍ ପୈଠ କରୁଥିଲେ । ଇବ୍‌ନେ ଖତଲ୍ ଖୁଜାଆ ସଂପ୍ରଦାୟର ବ୍ୟକ୍ତିକୁ ଆଦେଶ ଦେଲା ଯେ, ସେ ଖାଦ୍ୟ ରାନ୍ଧୁ ଏବଂ ନିଜେ ଦ୍ୱିପ୍ରହରରେ ଶୋଇ ପଡ଼ିଲା। ଯେତେବେଳେ ଇବନେ ଖତଲ୍ ନିଦରୁ ଉଠିଲା ସେତେବେଳେ ସେ ଦେଖିଲା ଯେ, ଖୁଜାଆ ସଂପ୍ରଦାୟର ସେହି ରୋଷେୟା ବ୍ୟକ୍ତି ଶୋଇଥିଲା । ରୋଷେୟା କିଛି ଖାଦ୍ୟ ରାନ୍ଧି ନଥିଲା ବା ଖାଦ୍ୟ ପ୍ରସ୍ତୁତ କରି ନଥିଲା। ଇବ୍‌ନେ ଖତଲ୍ ଖଡ଼୍‌ଗ ବାହାର କରି ତା'କୁ ହତ୍ୟା କରିଦେଲା ଏବଂ ଇସ୍‌ଲାମ୍ ଧର୍ମରୁ ଓହରି ପଳାୟନ କଲା। ଇବ୍‌ନେ ଖତଲ୍ ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା କବିତା କହୁଥିଲା । ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ମକ୍କା ବିଜୟ ଦିନ ମକ୍କାରେ ଯେତେବେଳେ ପ୍ରବେଶ କଲେ ସେତେବେଳେ ଆପଣ ସ.ଅଙ୍କ ମସ୍ତିଷ୍କରେ ଲୌହ ମୁକୁଟ ରହିଥିଲା । ଆପଣ ସେହି ଲୌହ ମୁକୁଟକୁ ମୁଣ୍ଡରୁ କାଢିଲେ । ଜଣେ ବ୍ୟକ୍ତି ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲା । ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଇବ୍‌ନେ ଖତଲ୍ ଖାନା କାଆବର ପର୍‌ଦା ଧରି ଓହଳି ହୋଇ ରହିଛି । ଆପଣ ସ.ଅ କହିଲେ, ତା'ର ସଂହାର କରିଦିଅ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ଯେଉଁ **ଦ୍ୱିତୀୟ** ବ୍ୟକ୍ତିର ସଂହାର କରିବା ନିମନ୍ତେ ଆଦେଶ ଦେଇଥିଲେ ସେହି ବ୍ୟକ୍ତି ହେଉଛି ମିକ୍‌ୟସ୍ ବିନ୍ ସୁବାବାହ୍। ମିକ୍‌ୟସ୍ ବିନ୍ ସୁବାବାହ୍ ଜଣେ ଅନ୍‌ସାରୀ ବ୍ୟକ୍ତିକୁ ଶହୀଦ୍ କରି ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲା । ଅନ୍‌ସାରୀ ସାହାବି ଏକ ଯୁଦ୍ଧରେ ମିକ୍‌ୟସ୍‌ର ଭାଇକୁ ଶତ୍ରୁ ମନେକରି ଭୁଲବଶତଃ ହତ୍ୟା କରି ଦେଇଥିଲେ । ମିକ୍‌ୟସ୍ ନିଜ ଭାଇର ଦିୟତ୍ (କ୍ଷତିପୂରଣ) ମଧ୍ୟ ନେଲା ଏବଂ ଅନ୍‌ସାରୀ ସାହାବୀଙ୍କୁ ମଧ୍ୟ ଶହୀଦ୍ କରିଦେଲା। ପୁନଶ୍ଚ ଇସ୍‌ଲାମ୍ ଧର୍ମ ପରିତ୍ୟାଗ କରି ମକ୍କା ଫେରିଗଲା । ହ. ନୁମୈଲା ବିନ୍ ଅବ୍‌ଦୁଲ୍ଲାଃ ମକ୍କା ବିଜୟ ଦିନ ତା'କୁ ବଧ କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ଯେଉଁ **ତୃତୀୟ** ବ୍ୟକ୍ତିର ସଂହାର କରିବା ନିମନ୍ତେ ଆଦେଶ ଦେଇଥିଲେ ସେ ହେଉଛି ହୁୱୈରସ୍ ବିନ୍ ନୁକୈଜ୍। ହୁୱୈରସ୍ ସଂପର୍କରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ତା'ର ସଂହାର ପତ୍ର ଜାରି କରିଥିଲେ । କାରଣ ସେ ରସୁଲୁଲ୍ଲାଃ ସ.ଅଙ୍କୁ କଷ୍ଟ ଦେଇଥିଲା । ହ. ଅଲୀ ର.ଅ ତା'ର ସଂହାର କରିଥିଲେ । ଜଣେ ଜୀବନୀକାର ଉଲ୍ଲେଖ କରନ୍ତି ଯେ, ହୁୱୈରସ୍ ବିନ୍ ନୁକୈଜ୍‌ର ସଂହାରର ଏହି କାରଣ ମିଳେ ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ କଷ୍ଟ ଦେଉଥିଲା । କିନ୍ତୁ ଏହା ବ୍ୟତୀତ ତା'ର ସଂହାରର ଅନ୍ୟ କାରଣ ମଧ୍ୟ ରହିଛି । କାରଣ ଆଁହଜରତ ସ.ଅ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କାହା ଠାରୁ କୌଣସି ପ୍ରତିଶୋଧ ନେଉ ନଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ଯେଉଁ **ଚତୁର୍ଥ** ବ୍ୟକ୍ତିର ସଂହାର କରିବା ନିମନ୍ତେ ଆଦେଶ ଦେଇଥିଲେ ସେ ହେଉଛି ହୁୱୈରସ୍ ବିନ୍ ତଲାତିଲ୍ ଖୁଜାଇ । ଏହି ବ୍ୟକ୍ତିକୁ ମଧ୍ୟ ହ. ଅଲୀ ର.ଅ ସଂହାର କରିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ଯେଉଁ **ପଞ୍ଚମ** ବ୍ୟକ୍ତିର ସଂହାର କରିବା ନିମନ୍ତେ ଆଦେଶ ଦେଇଥିଲେ ସେ ହେଉଛି ଜଣେ ମହିଳା ଏବଂ ତା'ର ନାମ ହେଲା କରିନା। ଏହି ମହିଳା ଜଣକ ଇବ୍‌ନେ ଖତଲ୍‌ର ଦାସୀ ଥିଲା । ଉକ୍ତ ମହିଳାକୁ ଅର୍ଣ୍ଣବ୍ ମଧ୍ୟ କୁହାଯାଉଥିଲା । ଏହି ମହିଳା ଆଁହଜରତ ସ.ଅଙ୍କ ବିରୁଦ୍ଧରେ ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ କବିତା ଗାଉଥିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-223-225, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଇମ୍‌ତାଅଲ୍ ଅସ୍‌ମା, ଭାଗ-1 , ପୃ-399, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ମକ୍କା ବିଜୟ, ଲେଖକ-ବାଶ୍‌ମିଲ୍, ପୃ-264-265, ନଫିସ୍ ଏକାଡ଼େମୀ, କରାଚୀ) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-157, ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଯେଉଁ ଲୋକମାନଙ୍କର ସଂହାର କରାଯାଇଥିଲା ସେମାନଙ୍କର ସଂଖ୍ୟା 14, 15 ଥିଲା । କିନ୍ତୁ ଗବେଷଣାରୁ ଜ୍ଞାତ ହୁଏ ଯେ, ଏହି ସଂଖ୍ୟା ସଠିକ୍ ନୁହଁ । କାରଣ ଅନେକ ବ୍ୟକ୍ତିଙ୍କ ଅପରାଧ ସଂକ୍ରାନ୍ତରେ ଯେଉଁ ଚର୍ଚ୍ଚା କରାଯାଇଛି ହୁଏତ ସେମାନେ ସମସ୍ତେ ବିଧର୍ମୀ ଏବଂ ଧର୍ମଦ୍ରୋହୀ ହୋଇଯାଇଥିଲେ ଅବା ସେମାନେ ଆଁହଜରତ ସ.ଅଙ୍କୁ ନିର୍ଯାତନା ଦେଉଥିଲେ କିମ୍ବା ସେମାନେ ଆଁହଜରତ ସ.ଅଙ୍କୁ ଅପମାନିତ ଓ ତିରସ୍କୃତ କରୁଥିଲେ । ଏହି ବ୍ୟକ୍ତିମାନଙ୍କର ଅପରାଧ ହିଁ ଏହା ସୂଚାଏ ଯେ, ଏହା ପରବର୍ତ୍ତୀ ଯୁଗର ମାନସିକତା ଅଟେ । କାରଣ ଯେତେବେଳେ ପବିତ୍ର କୁରଆନ୍ କରୀମ୍, ସୁନ୍ନତ୍ ଓ ରସୁଲ୍ଲାଃ ସ.ଅଙ୍କ ଠାରୁ ବିମୁଖ ପ୍ରଦର୍ଶନ କରିବା ଫଳରେ ଏହି ମାନସିକତା ସୃଷ୍ଟି ହେଲା ଯେଉଁ ବ୍ୟକ୍ତି ଧର୍ମରୁ ଓହରିଯାଏ ତେବେ ସେହି ବ୍ୟକ୍ତିର ଶାସ୍ତି ମୃତ୍ୟୁ ଦଣ୍ଡ ଅଟେ।

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସେହିପରି ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ଅବତାରତ୍ୱକୁ ଅସମ୍ମାନ ପ୍ରଦର୍ଶନ କରେ ତେବେ ସେହି ବ୍ୟକ୍ତିକୁ ମୃତ୍ୟୁଦଣ୍ଡ ମିଳିବ । ଅତଏବ୍ ଏହି ମାନସିକତା ତଥା ଏହି ଧାରଣା ପରବର୍ତ୍ତୀ ଯୁଗର ଅଟେ । ଏହା ଆଁହଜରତ ସ.ଅଙ୍କ ଯୁଗର ମାନସିକତା ନଥିଲା । ଆଁହଜରତ ସ.ଅଙ୍କ କାଳରେ ଏପରି ହେଉ ନଥିଲା । ପବିତ୍ର କୁରଆନ୍ କରୀମ୍‌ରୁ ଏହା ପ୍ରମାଣିତ ଯେ, ଧର୍ମଦ୍ରୋହୀର ଶାସ୍ତି ହତ୍ୟା ନୁହଁ, ଯେତେବେଳେ ପବତ୍ର କୁରଆନ୍ କରୀମ୍ ଏବଂ ନବୀ କରୀମ୍ ସ.ଅଙ୍କ ଆଦର୍ଶରୁ ଏହା ସିଦ୍ଧ ଯେ, ନବୀ କରୀମ୍ ସ.ଅଙ୍କୁ ନିର୍ଯାତନା ତଥା ଦୁଃଖ ଦେବା ଓ ଆପଣ ସ.ଅଙ୍କୁ ତିରସ୍କାରର ଶାସ୍ତି ହତ୍ୟା ନୁହେଁ ତେବେ ସ୍ୱଷ୍ଟ ଜ୍ଞାତ ହୁଏ ଯେ, ମକ୍କା ବିଜୟ ଅବସରରେ ଯେଉଁ ଯେଉଁ ବ୍ୟକ୍ତିକୁ ସଂହାର କରିବା ନିମନ୍ତେ ଆଦେଶ ଦିଆଯାଇଥିଲା ନିଃସନ୍ଦେହ ରୂପେ ସେହି ଦୋଷୀମାନଙ୍କର ଅପରାଧ ଅନ୍ୟ ହୋଇଥିବ । ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଯୁଦ୍ଧ କରି ଏମାନେ ଅପରାଧୀ ବିବେଚିତ ହୋଇଥିଲେ । ଯେପରିକି ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରିଛନ୍ତି ଯେ, ସେହି ଲୋକମାନେ ସାମରିକ ଶତ୍ରୁ ଥିଲେ କିମ୍ବା ସେମାନେ ହତ୍ୟାକାରୀ ଥିଲେ । ସେମାନେ ହତ୍ୟାକାରୀ ହିଁ ଥିଲେ । କିନ୍ତୁ ଆଁହଜରତ ସ.ଅଙ୍କ ବିପକ୍ଷରେ ଯଦି କୌଣସି ବ୍ୟକ୍ତି ମର୍ଯ୍ୟାଦା ହାନୀ କରୁଥିଲା ଅବା ଆଁହଜରତ ସ.ଅଙ୍କୁ ଅସମ୍ମାନ ପ୍ରଦର୍ଶନ କଲା ତେବେ ଏହା ଭୁଲ୍ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟ ଅବସରରେ ସଂହାର କରାଯାଇଥିବା ଏହି ବର୍ଣ୍ଣନାମାନଙ୍କ ଉପରେ ବିଶ୍ଳେଷଣ କରି ଭାରତ ଓ ପାକିସ୍ତାନର ଜଣେ ଜଣାଶୁଣା ଜୀବନୀ ଲେଖାଳୀ ଅଲ୍ଲାମା ଶିବ୍‌ଲୀ ନୁମାନୀ ଉଲ୍ଲେଖ କକନ୍ତି ଯେ, "ଜୀବନୀ ଲେଖାଳୀମାନଙ୍କର ବର୍ଣ୍ଣନା ରହିଛି ଯେ, ଆଁହଜରତ ସ.ଅ ମକ୍କାବାସୀଙ୍କୁ ଶାନ୍ତି ପ୍ରଦାନ କରିଥିଲେ । କିନ୍ତୁ ଆପଣ ସ.ଅ 10 ଜଣ ବ୍ୟକ୍ତିଙ୍କ ସଂପର୍କରେ ଆଦେଶ ଦେଇଥିଲେ ଯେ, ଏମାନେ ଯେଉଁଠି ବି ମିଳନ୍ତି ସେହିଠାରେ ସେମାନଙ୍କର ସଂହାର କରି ଦିଆଯାଉ । ସେହି ଅପରାଧୀମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିମାନେ ହେଲେ, ଯଥା- ଅବ୍‌ଦୁଲ୍ଲାଃ ବିନ୍ ଖତଲ୍ ମିକ୍‌ୟସ୍ ବିନ୍ ସୁବାବାହ୍ । ଏହି ବ୍ୟକ୍ତି ଜଣକ ହତ୍ୟାକାରୀ ଓ ଅପରାଧୀ ଥିଲା ଏବଂ ଏହି ବ୍ୟକ୍ତିକୁ ପ୍ରତିଶୋଧ ସ୍ୱରୂପ ସଂହାର କରାଯାଇଥିଲା । ଯଦି ଏହା ସ୍ୱୀକାର କରାଯାଏ ତେବେ ଏହି ବ୍ୟକ୍ତି ହତ୍ୟାକାରୀ ଥିଲା । ସେଇଥି ପାଇଁ ଏହି ବ୍ୟକ୍ତିର ସଂହାର କରାଯାଇଥିଲା । କିନ୍ତୁ ଆହୁରି ଅସଂଖ୍ୟ ଅନ୍ୟ ବ୍ୟକ୍ତିମାନେ ଏପରି ଅଟନ୍ତି ଯେଉଁମାନଙ୍କର ଦୋଷ କେବଳ ଏତିକି ଥିଲା କି ସେମାନେ ମକ୍କାରେ ଆଁହଜରତ ସ.ଅଙ୍କୁ ବହୁତ ହଇରାଣ ହର୍କତ୍ କରୁଥିଲେ ଏବଂ ଆପଣ ସ.ଅଙ୍କୁ ତିରସ୍କାର ଓ ଅପମାନିତ କରି ଆପଣ ସ.ଅଙ୍କ ବିରୁଦ୍ଧରେ ଅଶ୍ଳୀଳ କବିତା କହୁଥିଲେ । ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଜନୈକା ମହିଳାକୁ ଉକ୍ତ ଅପରାଧରେ ସଂହାର କରାଯାଇଥିଲା । କାରଣ ସେହି ମହିଳା ଆପଣ ସ.ଅଙ୍କ ବିରୁଦ୍ଧରେ ଅଶ୍ଳୀଳ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ କବିତା ଗାଉଥିଲା । କିନ୍ତୁ ମହୋଦୟ (ଅଲ୍ଲାମା ଶିବ୍‌ଲୀ ନୁମାନୀ) ଏହା ଉଲ୍ଲେଖ କରନ୍ତି ଯେ, ସମାଲୋଚନା ଦୃଷ୍ଟିରୁ ଏକଥା ଠିକ୍ ନୁହେଁ । ଯଦି ଉକ୍ତ କଥାକୁ ସ୍ୱୀକାର କରାଯାଏ ଯେ, ମକ୍କାବାସୀମାନେ ଆଁହଜରତ୍ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିଲେ ଏବଂ ଆପଣ ସ.ଅଙ୍କ ପ୍ରତି ଅଶ୍ଳୀଳ ଓ ଅସଭ୍ୟ ତଥା ମର୍ଯ୍ୟାଦା କ୍ଷୁର୍ଣ୍ଣକାରୀ କବିତା କହୁଥିଲେ । ତେଣୁ ଏହି ଅପରାଧ ତଥା ଦୋଷର ଦୋଷୀ ଓ ଅପରାଧୀ ତ' ସମଗ୍ର ମକ୍କାବାସୀ ଅଟନ୍ତି । ମକ୍କାବାସୀମାନେ ତ' ଆଁହଜରତ୍ ସ.ଅଙ୍କୁ ତିରସ୍କାର, ଅପମାନିତ, ଅକଥନୀୟ ନିର୍ଯାତନା ଦେଉଥିଲେ । ତେଣୁ ସମସ୍ତଙ୍କୁ ବଧ କରିବା ଉଚିତ୍ ଥିଲା । କୁରୈଶ୍‌ମାନଙ୍କ ମଧ୍ୟରୁ ଦୁଇ ଚାରି ଜଣଙ୍କୁ ଛାଡ଼ି ଦେଲେ ଆଉ କିଏ ଏପରି ଥିଲା ଯିଏ ଆଁହଜରତ ସ.ଅଙ୍କୁ ଅକଥନୀୟ ନିର୍ଯାତନା ଦେଇ ନାହାନ୍ତି। ଏତଦ୍‌ଭିନ୍ନ ସେହି ଲୋକମାନଙ୍କୁ ଏହା କୁହାଗଲା କି ତୁମେମାନେ أَنْتُمُ الطُّلَقَاءُ ଅର୍ଥାତ୍ ତୁମେମାନେ ସ୍ୱାଧୀନ ଅଟେ । ଯେଉଁ ଲୋକମାନଙ୍କ ସଂହାର ସଂପର୍କରେ ବର୍ଣ୍ଣନା କରାଯାଇଥାଏ ସେମାନେ ଅପେକ୍ଷାକୃତ ନିମ୍ନ ସ୍ତରର ଅପରାଧୀ ଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ସିଦ୍ଦିକା ର.ଅଙ୍କ ଉକ୍ତ ବର୍ଣ୍ଣନା ସିହା ସିତ୍ତାରେ ଉପସ୍ଥିତ ରହିଛି ଯେ, ଆଁହଜରତ ସ.ଅ କାହା ଠାରୁ କୌଣସି ବ୍ୟକ୍ତିଗତ ପ୍ରତିଶୋଧ ନେଲେ ନାହିଁ । ଖୈବର୍ ଯୁଦ୍ଧରେ ଯେଉଁ ଇହୁଦୀ ମହିଳା ଆଁହଜରତ ସ.ଅଙ୍କୁ ଖାଦ୍ୟରେ ବିଷ ମିଶାଇ ଦେଇଥିଲା ସେହି ମହିଳା ସଂପର୍କରେ ଲୋକମାନେ ପଚାରିଲେ ଯେ, ସମ୍ଭବତଃ ସେହି ମହିଳାର ବଧର ଆଦେଶ ଆଁହଜରତ ସ.ଅ ଦେଇଛନ୍ତି ଅବା ନୁହେଁ ? ଖୈବରର ଅବିଶ୍ୱାସକାରୀମୂଳକ ସ୍ଥାନରେ ଜନୈକା (ଜଣେ) ଇହୁଦୀ ମହିଳା ବିଷ ଦେଇ ରହ୍‌ମତୁଲ୍ ଲିଲ୍ ଆଲମିନ୍ ଅର୍ଥାତ୍ ଆଁହଜରତ ସ.ଅଙ୍କୁ ମାରିବାକୁ ପ୍ରୟାସ କିରଥିବା ମହିଳା ଯଦି ମୃତ୍ୟୁ ଦଣ୍ଡରୁ ବର୍ତ୍ତି ପାରୁଛି ତେବେ ହରମ୍‌ରେ (ମକ୍କାରେ) ଏହି ମହିଳା ଠାରୁ ନିମ୍ନ ସ୍ତରର ଅପରାଧୀମାନେ ଆଁହଜରତ ସ.ଅଙ୍କ ଦୟା ଓ କ୍ଷମାରୁ କିପରି ବଞ୍ଚିତ ରହିପାରନ୍ତି । ଯଦି ବର୍ଣ୍ଣନାକୁ ଯଥେଷ୍ଟ ବୋଲି ମନେକରାଯାଏ ତେବେ ବର୍ଣ୍ଣନା ଦୃଷ୍ଟିରୁ ମଧ୍ୟ ଉକ୍ତ ଘଟଣା ସଂପୂର୍ଣ୍ଣ ରୂପେ ବିଶ୍ୱାସଯୋଗ୍ୟ ନୁହେଁ । ଯଦି ବୁଦ୍ଧିକୁ ବିନିଯୋଗ ନ କରାଯାଏ ତେବେ ମଧ୍ୟ ବର୍ଣ୍ଣନାଟି ଭୁଲ୍ ଅଟେ । କାରଣ ସହି ବୁଖାରୀରରେ କେବଳ ଇବ୍‌ନେ ଖତଲ୍‌ର ସଂହାରର ଚର୍ଚ୍ଚା ରହିଛି ଏବଂ ପ୍ରାୟତଃ ଏହା ସ୍ୱୀକୃତ ଯେ, ଇବ୍‌ନେ ଖତଲ୍‌କୁ ପ୍ରତିଶୋଧ ସ୍ୱରୂପ ବଧ କରଯାଇଥିଲା । ମିକ୍‌ୟସ୍‌ର ସଂହାର ମଧ୍ୟ ବୈଧାନିକ ସମ୍ମତ ଥିଲା । ଅନ୍ୟ ଯେଉଁ ଲୋକମାନଙ୍କର ସଂହାର ସଂପର୍କରେ ବର୍ଣ୍ଣନା କରାଯାଏ ଯେ, ସେମାନେ କୌଣସି ଯୁଗରେ ଆଁହଜରତ ସ.ଅଙ୍କୁ ହଇରାଣ କରୁଥିଲେ, ସେହି ବର୍ଣ୍ଣନାଗୁଡ଼ିକ କେବଳ ଇବ୍‌ନେ ଇସ୍‌ହାକ୍ ପର୍ଯ୍ୟନ୍ତ ପହଞ୍ଚି ସମାପ୍ତ ହୋଇ ଯାଆନ୍ତି । ଅର୍ଥାତ୍ ହଦିସ୍‌ର ନିୟମ ଦୃଷ୍ଟିରୁ ସେହି ବର୍ଣ୍ଣନାଗୁଡ଼ିକ ଛିନ୍ନ ଅଟେ ଏହା ଆଦୌ ଭରସାଯୋଗ୍ୟ ନୁହେଁ । ଏଥି ସଂକ୍ରାନ୍ତରେ ଯେଉଁ ସର୍ବାଧିକ ଭରସାଯୋଗ୍ୟ ବର୍ଣ୍ଣନାଟି ଉପସ୍ଥାପିତ କରାଯାଇପାରିବ ତାହା ଅବୁ ଦାଉଦ୍‌ର ବର୍ଣ୍ଣନା ଅଟେ । ଉକ୍ତ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ମକ୍କା ବିଜୟ ଦିନ କହିଲେ, 4 ଜଣ ବ୍ୟକ୍ତିଙ୍କୁ କେଉଁଠି ବି ଶାନ୍ତି ପ୍ରଦାନ କରାଯାଇ ପାରିବ ନାହିଁ । ଅବୁ ଦାଉଦ୍ ଉକ୍ତ ହଦିସ୍‌କୁ ଅନ୍ୟ ଠାରୁ ଦେଖି ଲେଖିଛନ୍ତି । ଅର୍ଥାତ୍ ଉକ୍ତ ହଦିସ୍‌ର ପ୍ରମାଣ ଯେଉଁ ରୂପରେ ମୋତେ ମିଳିଥାଉ ନା କାହିଁକି । ଅବୁ ଦାଉଦର ଏହି ବର୍ଣ୍ଣନା ସଂକ୍ରାନ୍ତରେ ଅନ୍ୟ ପୁସ୍ତକମାନଙ୍କରେ ମଧ୍ୟ ଉଲ୍ଲେଖ ରହିଛି ଯେ, ସେହି ବର୍ଣ୍ଣନାଗୁଡ଼ିକ ଦୁର୍ବଳ ଅଟନ୍ତି । ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, କୁରୈଶ୍‌ର କେତେକ ଅଧିପତିମାନେ ଯେଉଁମାନେ ଇସ୍‌ଲାମ୍ ବିରୋଧୀ ନେତା ଥିଲେ ସେମାନେ ଆଁହଜରତ ସ.ଅଙ୍କ ଆଗମନର ସୂଚନା ପାଇବା ମାତ୍ରେ ମକ୍କାରୁ ପଳାୟନ କଲେ । କିନ୍ତୁ ଏହା କେବଳ ଇବ୍‌ନେ ଇସ୍‌ହାକ୍‌ଙ୍କର ଚିନ୍ତାଧାରା ଅଟେ । ଅର୍ଥାତ୍ ଆଁହଜରତ ସ.ଅ କୁରୈଶ୍‌ର ପ୍ରମଖୁ ଅଧିପତିମାନଙ୍କୁ ସଂହାରର ଆଦେଶ ଦେଇଥିବାରୁ କୁରୈଶ୍‌ର ଏହି ଅଧିପତିମାନେ ମକ୍କା ଛାଡ଼ି ପଳାଇ ଯାଇଥିଲେ । **(ସିରତୁନ୍ ନବୀ ସ.ଅ, ଲେଖକ-ଶିବ୍‌ଲୀ ନୁମାନୀ, ଭାଗ-1, ପୃ-350-351, ମକ୍‌ତବା ଇସ୍‌ଲାମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ମକ୍କା ବିଜୟ ସମୟରେ କେତେକ ଲୋକମାନଙ୍କୁ ସଂହାର କରିବାର ଯେଉଁ ନିଷ୍ପତ୍ତି ନିଆଯାଇଥିଲା ସେମାନେ ହେଉଛନ୍ତି ସେହି ଲୋକ ଯେଉଁମାନଙ୍କ ସଂପର୍କରେ ବିଚାରକ ତଥା ନ୍ୟାୟ ପ୍ରଦାନକାରୀ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଛନ୍ତି ଯେ, "କେବଳ କିଛି ଲୋକମାନଙ୍କୁ ଶାସ୍ତି ଦେବା ନିମନ୍ତେ ଅଲ୍ଲାଃତାଲାଙ୍କ ତରଫରୁ ଚୂଡ଼ାନ୍ତ ଆଦେଶ ପ୍ରାପ୍ତ ହୋଇଥିଲା । ଅର୍ଥାତ୍ ସେମାନେ ତିନି, ଚାରି ଜଣ ଲୋକ ଥିଲେ । ସେହି ଅଭିଶପ୍ତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତ ଶତ୍ରୁଙ୍କ ଅପରାଧକୁ ଆଁହଜରତ ସ.ଅ କ୍ଷମା କରି ଦେଇଥିଲେ।" **(ବରାହିନେ ଅହମଦିୟା, ଭାଗ-3, ରୁହାନୀ ଖଜାଏନ୍ ଗ୍ରନ୍ଥ ଖଣ୍ଡ-1, ପୃ-287, ଅବିଶିଷ୍ଟାଂଶ ବି.ଦ୍ର ସଂଖ୍ୟା-11)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ଉକ୍ତ ଘଟଣାର ବାସ୍ତବତା। ସେଇଥି ପାଇଁ ଏହା କହିବା କି ଏତେ ସଂଖ୍ୟକ ଲୋକମାନଙ୍କର ସଂହାର କରାଯାଇଥିଲା, ସେମାନେ ଆଁହଜରତ୍ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିଲେ ଏବଂ ଆପଣ ସ.ଅଙ୍କୁ ଅପମାନିତ ଓ ତିରସ୍କାର କରୁଥିଲେ ତଥା ଆଁହଜରତ ସ.ଅଙ୍କ ଅବତାରତ୍ୱ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥିଲେ, ଏହି ସମସ୍ତ କଥା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ମୁଁ ବର୍ଣ୍ଣନା କରିବି । ସଂସାରର ପରିସ୍ଥିତି ସଂପର୍କରେ ତ' ସମସ୍ତ ଲୋକମାନଙ୍କୁ ଜଣା । ଆପଣମାନେ ସମସ୍ତେ ଦୁଆ କରୁ ଥାଆନ୍ତୁ । ଏଥି ସଂକ୍ରାନ୍ତରେ ମୁଁ ପୂର୍ବେ ମଧ୍ୟ ଅନେକ ଥର କହି ସାରିଛି ଏବଂ ପ୍ରତ୍ୟେକ ଖୁତ୍‌ବାରେ କହିଥାଏ । ଜରୁରୀକାଳୀନ ପରିସ୍ଥିତ ନିମନ୍ତେ ମଧ୍ୟ ମୁଁ ଆପଣମାନଙ୍କୁ ବାରମ୍ବାର ମନେପକାଇ ଦେଇଥାଏ ଏବଂ ପୂର୍ବେ ମଧ୍ୟ ମୁଁ ଅନେକ ଥର କହି ଆସିଛି ଯେ, ଜରୁରୀକଳୀନ ପରିସ୍ଥିତି ନିମନ୍ତେ ଲୋକମାନଙ୍କୁ ନିଜ ଘରେ କିଛି ମାସର ସଉଦା, ଔଷଧପତ୍ର ଗଚ୍ଛିତ କରି ରଖିବା ଉଚିତ୍ । ପ୍ରତ୍ୟେକ ଅହମଦିମାନେ ଦି ମାସର ସଉଦା ନିଜ ଘରେ ରଖନ୍ତୁ । ବର୍ତ୍ତମାନ ତ' କେତେକ ରାଷ୍ଟ୍ରମାନେ ମଧ୍ୟ ନିଜର ନାଗରିକମାନଙ୍କୁ କହି ଦେଇଛନ୍ତି ଯେ, ସେମାନେ ନିଜ ଘରେ ତିନି ମାସର ସଉଦା ପତ୍ର ଗଚ୍ଛିତ ରଖନ୍ତୁ। ସେ ଯାହା ହେଉ ଅଲ୍ଲାଃତାଲା ସଂସାର ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ଯୁଦ୍ଧର ଯେଉଁ ବିଭୀଷୀକା ଏବଂ ଭୟଙ୍କର ପରିସ୍ଥିତି ଓ ପରିଣାମ ରହିଛି ତହିଁରୁ ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ । ଆମିନ୍ ।


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtar Begum & Family,
B.D.A, Bhubaneshwar (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ମୃତକ ବ୍ୟକ୍ତିମାନଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା କରିବି । ନମାଜ ଜୁମା ପରେ ଏହି ମୃତକ ମୃତକାମାନଙ୍କର ନମାଜ ଯନାଜାଃ ମଧ୍ୟ ପାଠ କରାଇବି । ସେହି ମୃତକମାନଙ୍କ ମଧ୍ୟରୁ ପ୍ରଥମ ମୃତକା ହେଉଛନ୍ତି ସ୍ୱର୍ଗତା ଶ୍ରୀମତି ଅମତୁନ୍ ନସୀର୍ ନିଗ୍‌ହତ୍ ସାହେବା । ସ୍ୱର୍ଗତା ଅମତୁନ୍ ନସୀର୍ ସାହେବା ରାଜା ଅବ୍‌ଦୁଲ୍ ମାଲିକ୍ ସାହେବଙ୍କର ପତ୍ନି ଥିଲେ । ବିଗତ ଦିନରେ 70 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି ।إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତା ଓସିୟତ୍ କରିଥିଲେ । ସ୍ୱର୍ଗତା ମିର୍ଜା ଶରୀଫ୍ ଅହମଦ ସାହେବ ର.ଅଙ୍କ ପୌତ୍ରୀ ଥିଲେ ଏବଂ ହ. ନୱାବ୍ ଅମତୁଲ୍ ହଫିଜ୍ ବେଗମ୍ ସାହେବା ର.ଅଙ୍କର ନାତୁଣୀ ଥିଲେ । ସ୍ୱର୍ଗତା କର୍ଣ୍ଣଲ୍ ମିର୍ଜା ଦାଉଦ୍ ଅମହଦ ସାହେବଙ୍କର ସୁପୁତ୍ରୀ ଥିଲେ । ସ୍ୱର୍ଗତା ଆମେରିକାରେ ଦୀର୍ଘ କାଳ ଅତିବାହିତ କରିଥିଲେ । ସେଠାରେ ସେ 10 ବର୍ଷ କାଳ ଲଜ୍‌ନା ଇମାଇଲ୍ଲାଃର ସେକ୍ରେଟାରୀ ମାଲ୍ ରୂପେ ଓ ସେକ୍ରେଟାରୀ ଜିୟାଫତ୍ ରୂପେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସ୍ୱର୍ଗତାଙ୍କର ସୁପୁତ୍ରୀ ଆମିନା ସାହେବା କୁହନ୍ତି ଯେ, ମାତାଶ୍ରୀ ଦାନ ଦକ୍ଷିଣ ପ୍ରଦାନ କରିବେ ନିୟମାନୁବର୍ତ୍ତୀ ଥିଲେ ଏବଂ ନିରବତାର ସହିତ ଦାନ ଦକ୍ଷିଣା କରୁଥିଲେ । କିଛି କିଛି ସମୟ ବ୍ୟବଧାନରେ ଖାସି ସଦ୍‌କା କରି ଗରିବ ଓ ଅଭାବି ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ମାତାଶ୍ରୀ ଗରିବ ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲେ ଏବଂ ସେମାନଙ୍କର ଘର ନିର୍ମାଣ କରି ମଧ୍ୟ ଦେଉଥିଲେ । ଦିନେ ରାତ୍ରରେ ମାତାଶ୍ରୀ ଏକ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ମାତାଶ୍ରୀ ଏହା ଦେଖିଲେ ଯେ, ସେ ନିଜର ଚୁଡ଼ି ଓହ୍ଲାଇ ନିଜର ଖାଲାକୁ ଦେଉଛନ୍ତି । ଅତଏବ୍ ସେ ତୁରନ୍ତ ନିଜର ପିନ୍ଧିଥିବା ଚୁଡ଼ି ଓହ୍ଲାଇ ଗରିବମାନଙ୍କୁ ଦେଇଦେଲେ । ମାତାଶ୍ରୀ ଜଣେ ଅତିଥି ସତ୍କାରିଣୀ ମହିଳା ଥିଲା। ଅଭାବି ଓ ଯୋଗ୍ୟ ଲୋକମାନଙ୍କୁ ସେ ବେଶ୍ ସାହାଯ୍ୟ କରୁଥିଲେ । ମାତାଶ୍ରୀଙ୍କ ଉତ୍ସାହ ଅତ୍ୟନ୍ତ ସାହାନୁଭୂତିକ ଥିଲା । ମାତାଶ୍ରୀଙ୍କ ସ୍ୱଭାବ ଅତ୍ୟନ୍ତ କୌତୁହଳପୂର୍ଣ୍ଣ ଥିଲା । ସେଇଥି ପାଇଁ ଲୋକମାନେ ମାତାଶ୍ରୀଙ୍କୁ ବେଶୀ ଚିହ୍ନି ନଥିଲେ । କିନ୍ତୁ ମୁଁ ଦେଖିଛି ଯେ, ମାତାଶ୍ରୀ ରାତିରେ ଉଠି ଅତ୍ୟନ୍ତ ଭାବପ୍ରବଣ ହୋଇ ଦୁଆ କରୁଥିଲେ । ଯଦ୍ଦ୍ୱାରାକି ଆମ ଘରର ପକ୍କା ଦୋହଲିବାକୁ ଲାଗି ଯାଉଥିଲା । ଅତିଥିଙ୍କର ଆଦର ସତ୍କାର କରିବା ତ' ମାତାଶ୍ରୀଙ୍କ ବିଶେଷ ଗୁଣ ଥିଲା । ଆମେମାନେ ମାତାଶ୍ରୀଙ୍କ ଠାରୁ ହିଁ ଈଶ୍ୱର ଚର୍ଚ୍ଚା କରିବା ଶିଖିଛୁ । ମାତାଶ୍ରୀ ସର୍ବଦା ଦୁରୁଦ୍ ଶରୀଫ୍ ପାଠ କରୁଥିଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ କବିତାର ପଂକ୍ତିମାନ ପାଠ କରୁଥିଲେ । ମାତାଶ୍ରୀଙ୍କ ଏହି କବିତାକୁ ବାରମ୍ବାର ପୁନରାବୃତ୍ତି କରିବା ଫଳରେ ଆମମାନଙ୍କୁ କବିତା ମୁହେଁଏ ମୁହେଁ ମୁଖସ୍ତ ହୋଇଯାଇଥିଲା । ମତାଶ୍ରୀ ପଡ଼ୋଶୀ, ସଂପର୍କୀୟ ଓ ଆତ୍ମୀୟ ସ୍ୱଜନମମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଏକଥା ତାଙ୍କର ସୁପୁତ୍ରୀ ଆଏଶା ସାହେବା ଉଲ୍ଲେଖ କରିଛନ୍ତି।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କ ଭଣଜା ଉଲ୍ଲେଖ କରନ୍ତି ଯେ, ଖାଲା ଅତ୍ୟନ୍ତ ନିରବତାର ସହିତ ସାହାଯ୍ୟ କରୁଥିଲେ ଏବଂ ଅଲ୍ଲାଃତାଲା ମଧ୍ୟ ତାଙ୍କୁ ବେଳେବେଳେ କୌଣସି ବ୍ୟକ୍ତିଙ୍କ ସଂପର୍କରେ (ବ୍ୟକ୍ତିଙ୍କୁ) ସାହାଯ୍ୟ କରିବା ନିମନ୍ତେ ସୂଚନା ପ୍ରଦାନ କରି ଦେଉଥିଲେ । ଏକଦା ଆପଣଙ୍କୁ ସ୍ୱପ୍ନରେ କୁହଗଲା କି ଜଣେ ୱକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ)ଙ୍କ କନ୍ୟାଙ୍କର ବିବାହ ପ୍ରସଙ୍ଗ ରହିଛି । ସାହାଯ୍ୟର ଆବଶ୍ୟକତା ରହିଛି । ତେବେ ଖାଲା ମହୋଦୟା ତୁରନ୍ତ ଉକ୍ତ ୱାକ୍‌ଫେ ଜିନ୍ଦିଗୀକୁ ଏକ ଲକ୍ଷ ଟଙ୍କା ପ୍ରେରଣ କରିଦେଲେ । ହୁଜୁର ଅନ୍‌ୱର୍ ଅ.ବ କହଲେ ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, **ଦ୍ୱିତୀୟ** ଯନାଜାଃ ହେଲା ହେଲା ଅଲ୍‌ହାଜ୍ ୟାକୁବ୍ ଅହମଦ ସାହେବଙ୍କର । ସ୍ୱର୍ଗତ ୟାକୁବ୍ ସାହେବଙ୍କ ପିତାଙ୍କ ନାମ ଅବୁ ବକ୍କର ଅଟେ । ଆପଣ ଅହମଦିୟା ସନିୟର ହାଇସ୍କୁଲ୍‌ର ପୂର୍ବତନ ପ୍ରଧାନ ଶିକ୍ଷକ ଥିଲେ ଏବଂ ଆପଣ ଘାନାର ନ୍ୟାସନଲ୍ ସେକ୍ରାଟାରୀ ତବ୍‌ଲିଗ୍ ମଧ୍ୟ ଥିଲେ । ବିଗତ ଦିନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ 63 ବର୍ଷ ବୟସରେ ଆପଣ ପ୍ରାଣ ହରାଇଛନ୍ତି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ୟାକୁବ୍ ସାହେବ ମୁସି (ଓସିୟତ୍ କରି) ଥିଲେ । ସେଠାରେ ମନ୍‌କେସିମ୍ (Mankessim) ନାମକ ଏକ ସହର ରହିଛି। ସେଠାକୁ ଯିବା ସମୟରେ ଏକ ଟ୍ରଲର ସହିତ ତାଙ୍କ ଗାଡ଼ି ଧକ୍କା ହେବା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ସ୍ୱର୍ଗତଙ୍କର ବିୟୋଗ ହୋଇଥିଲା। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ଦୁଇ ଜଣ ପତ୍ନି, ଚାରି ଜଣ ସନ୍ତାନ, ମାତା ଏବଂ ଗୋଟିଏ ଭାଇ ଓ ଗୋଟିଏ ଭଉଣୀ ସାମିଲ୍ ଅଟନ୍ତି ।

ସ୍ୱର୍ଗତ ୟାକୁବ୍ ସାହେବ ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କରିବା ପରେ ଅହମଦିୟା ମିଶ୍‌ନାରୀ ଟ୍ରେନିଂ କଲେଜ ସଲ୍‌ଟ୍ ପଣ୍ଡ ଠାରେ ନାମ ଲେଖାଇଥିଲେ । ସେଠାରୁ ଶିକ୍ଷା ସମାପ୍ତ କରିବା ପରେ ପୁନଶ୍ଚ ବିଭିନ୍ନ ସ୍ଥାନରେ ଜମାଅତୀୟ ସେବାରେ ସ୍ୱର୍ଗତଙ୍କୁ ମୁତୟନ କରାଯାଇଥିଲା । ଏତଦ୍‌ପରେ ଆପଣ ଜମାଅତ୍ ତରଫରୁ ହିଁ ଘାନା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ । ସେହି ବିଶ୍ୱବିଦ୍ୟାଳୟରେ ବିଜ୍‌ନେସ୍ ଆଡ଼ମିନିଷ୍ଟ୍ରେସନ୍‌ରେ ଆପଣ ଡିଗ୍ରୀ ପ୍ରାପ୍ତ କଲେ ଏବଂ ସେଠାରୁ ଉତ୍ତୀର୍ଣ୍ଣ ହେବା ପରେ ଆପଣଙ୍କୁ ସରକାରୀ ଚାକିରୀର ଅଫର ଆସିଲା । କିନ୍ତୁ ସେ ଏହାକୁ ଅସ୍ୱୀକାର କରିଦେଲେ । କାରଣ ଆପଣ ଜଣେ ୱାକ୍‌ଫେ ଜିନ୍ଦିଗୀ ଥିଲେ ଏବଂ ୱକ୍‌ଫ୍‌ର ଯେଉଁ ଆତ୍ମା ରହିଥିଲା ସେହି ଆତ୍ମା ସହିତ ସେ ସର୍ବଦା କାର୍ଯ୍ୟ କଲେ। ଏତଦ୍‌ପରେ ଆପଣ ସରକାରୀ ସ୍କୁଲକୁ ଚାଲିଗଲେ । ବିଦ୍ୟାଳୟକୁ ସରକାର ଅନୁଦାନ ଦେଉଥିଲା । କିନ୍ତୁ ସ୍କୁଲ୍ ଜମାଅତର ହିଁ ଥିଲା । ପରବର୍ତ୍ତୀ ସମୟରେ ଆପଣ ଉଚ୍ଚ ଶିକ୍ଷା ପ୍ରାପ୍ତ କରି ସେଠାରେ ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ତୁଲାଇଥିଲେ। ସଲାଗା (Salaga) ଏବଂ କୁମାସି (Kumasi)ର ଅହମଦିୟା ସ୍କୁଲରେ ଆପଣ ହେଡ଼୍‌ମାଷ୍ଟର (ପ୍ରଧାନ ଶିକ୍ଷକ) ହିସାବରେ ଦାୟିତ୍ୱ ତୁଲାଉଥିଲେ। ସେଠାକାର ବ୍ୟବସ୍ଥାପିକା ମଣ୍ଡଳୀ, ସରକାରୀ ଅଫିସର୍‌ମାନେ, ଛାତ୍ର ଛାତ୍ରୀମାନେ ମଧ୍ୟ ସର୍ବଦା ଆପଣଙ୍କୁ ମନେରଖିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ସ୍ୱର୍ଗତ ୟାକୁବ୍ ସାହେବ ନ୍ୟାସନ୍‌ଲ୍ ସେକ୍ରେଟାରୀ ତବ୍‌ଲିଗ୍ ଥିଲେ ଏବଂ ଅନ୍‌ସାରୁଲ୍ଲାଃ ଗୋଷ୍ଠୀରେ ଆପଣ କାଏଦ୍ ତର୍ବିୟତ୍ ରୂପେ ମଧ୍ୟ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଆପଣଙ୍କର ବ୍ୟକ୍ତିତ୍ୱ ଜ୍ଞାନ ଭିତ୍ତିକ ଥିଲା । ସ୍ୱର୍ଗତଙ୍କୁ ଶିକ୍ଷା ବିଭାଗରେ ଯେଉଁ କେତେକ ବଡ଼ ବଡ଼ କମିଟି ରହିଥିଲା ସେଥିରେ ସଦସ୍ୟ ହେବାର ଆପଣ ସୌଭାଗ୍ୟ ଅର୍ଜନ କରିଥିଲେ। ଆପଣ CHASSର ପ୍ରେସିଡଣ୍ଟ ଥିଲେ । ଘାନାର ଅର୍ଥାତ୍ କନ୍‌ଫରେନ୍‌ସ୍ ଅଫ ହେଡ଼୍ ଏସିଷ୍ଟେଡ଼ ସେକେଣ୍ଡାରୀ ସ୍କୁଲର ସଭାପିତ ଥିଲେ । ଆପଣ ନୁଷ୍ଟ (KNUST)ର ସଦସ୍ୟ ଥିଲେ । ଅର୍ଥାତ୍ Kwame Nkrumah ୟୁନିଭର୍ସିଟି ଅଫ୍ ସାଇନସ୍ ଆଣ୍ଡ ଟେକନଲୋଜିର କାଉନ୍‌ସିଲ୍ ସଦସ୍ୟ ଥିଲେ । ଆପଣ ଘାନା ଟେରିଟାରୀ ଏଜୁକେସନ କମିଶନ (GTEC)ର ବୋର୍ଡ଼ର ସଦସ୍ୟ ଥିଲେ । ଆପଣ (WAEC) ଅର୍ଥାତ୍ ୱେଷ୍ଟ୍ ଆଫ୍ରିକାନ ଏକ୍‌ଜାମିନେଶନ କାଉନସିଲ୍‌ର ବୋର୍ଡ଼ ସଦସ୍ୟ ମଧ୍ୟ ଥିଲେ। ସେହିପରି ଆପଣ ଏ.ସି.ପି (ACP) ଅର୍ଥାତ ଆଫ୍ରିକାନ୍ କନ୍‌ଫେଡ଼େରେଶନ୍ ଅଫ୍ ପ୍ରିଂସିପଲ୍‌ସ୍‌ର ସେକ୍ରେଟାରୀ ଜେନେରାଲ୍ ମଧ୍ୟ ଥିଲେ । ସ୍ୱର୍ଗତଙ୍କ ବିୟୋଗ ଯୋଗୁଁ ସାଉଥ୍ ଆଫ୍ରିକାର Eswatini ପ୍ରିଂସିପାଲ୍ ଆସୋସିଏସନ (EPA) ଗଭୀର ଶୋକ ବ୍ୟକ୍ତି କରିଛି ଏବଂ ଉଲ୍ଲେଖ କରିଛି ଯେ, ସ୍ୱର୍ଗତ ୟାକୁବ୍ ସାହେବ ଅତ୍ୟନ୍ତ ନୀତିନିଷ୍ଠ ଓ ନିୟମାନୁବର୍ତ୍ତୀ ବ୍ୟକ୍ତି ଥିଲେ । ସ୍ୱର୍ଗତଙ୍କର ନେତୃତ୍ୱ ଅତ୍ୟନ୍ତ ଉଚ୍ଚ କୋଟିର ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ୟାକୁବ୍ ସାହେବ ସର୍ବଦା ଏହା କହୁଥିଲେ ଯେ, ମୋର ସଫଳତାର କେନ୍ଦ୍ର ଧର୍ମ ସହିତ ସଂଶ୍ଲୀଷ୍ଟତା ଓ ଖିଲାଫତେ ଅହମଦିୟା ସହିତ ସଂଶ୍ଲୀଷ୍ଟ ରହିବା ଦ୍ୱାରା ସମ୍ଭବପର ହୋଇପାରିଛି । ସ୍ୱର୍ଗତ ଜଣେ ପତ୍ନିବତ୍ସଳ ସ୍ୱାମୀ, ପିତୃବତ୍ସଳ ପିତା ଓ ବଂଶ ନିମନ୍ତେ ବିଶ୍ୱାସ, ଶୃଙ୍ଖଳା ରକ୍ଷା ଓ ଦୟା ପ୍ରଭୃତି ଗୁଣର ଅଧିକାରୀ ଥିଲେ । ଆପଣ ରମ୍‌ଜାନ୍ ମାସରେ ଅନେକ ଥର ପବିତ୍ର କୁରଆନ୍ କରୀମ୍‌ର ଦୌର୍ ସଂପୂର୍ଣ୍ଣ କରୁଥିଲେ । ପରିବାରର ସମସ୍ତ ସଦସ୍ୟଙ୍କୁ ଉପାସନା କରିବା ପ୍ରତି ଧ୍ୟାନ ଆକର୍ଷଣ କରୁଥିଲେ । ସ୍ୱର୍ଗତଙ୍କ ସ୍ୱଭାବରେ ଯେଉଁଠି ସର୍ବୋଚ୍ଚ ରଙ୍ଗର ନେତୃତ୍ୱ ଏବଂ ସାମର୍ଥ୍ୟତା ରହିଥିଲା କିନ୍ତୁ ସେଠାରେ ବିନୀତତା ମଧ୍ୟ ବିଦ୍ୟମାନ ଥିଲା । ଆପଣ ଅତ୍ୟନ୍ତ ନିଷ୍ଠାପରତାର ସହିତ ସେବା କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ଭାଇ ଅବୁ ବକ୍କର ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତଙ୍କୁ ପିତାଶ୍ରୀ ମହୋଦୟ ମିଶ୍‌ନାରୀ ଟ୍ରେନିଂ କଲେଜ୍ ସଲ୍‌ଟ୍ ପଣ୍ଡ ଠାରେ ପ୍ରେରଣ କିରଥିଲେ ସେଠାରେ ସ୍ୱର୍ଗତ ନିଜର ନାମ ଲେଖାଇଥିଲେ । ସେଠାରେ ଆପଣ ଶିକ୍ଷା ପ୍ରାପ୍ତ କଲେ । ପୁନଶ୍ଚ ଆପଣ ସ୍ଥାନୀୟ ମିଶ୍‌ନାରୀ ହେଲେ। ପୁନଶ୍ଚ ଧୀରେ ଧୀରେ ଆପଣ ଉନ୍ନତି କରି କରି ନିଜ ଫିଲଡ଼୍‌ରେ ଜମାଅତୀୟ ରୂପେ ଏବଂ ସରକାରୀ ସ୍ତରରେ ଏକ ଉତ୍ତମ ସ୍ଥାନ ପ୍ରାପ୍ତ କରିଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ସ୍ୱର୍ଗତ ୟାକୁବ୍ ସାହେବ ମୋ ସହିତ ଘାନାରେ ଆବସ୍ଥାନ କରିବା ସମୟରେ ମୁଁ ତାଙ୍କର ଅତି ନିକଟବର୍ତ୍ତୀ ଥିଲି ଏବଂ ମୋର ତାଙ୍କ ସହିତ ଅତି ନିକଟ ସଂପର୍କ ଥିଲା । ସ୍ୱର୍ଗତଙ୍କ ସହିତ ମୋର ସଂପର୍କ ମିତ୍ରତାପୂର୍ଣ୍ଣ ଥିଲା। ଯେଉଁ କାମଗୁଡ଼ିକ ଅତି ଜରୁରୀ ହେଉଥିଲା ଏବଂ ଯେଉଁ କାମରେ ଭରସା ଏବଂ ବିଶ୍ୱାସର

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି: أَلَيْسَ اللّٰهُ بِكَافٍ عَبْدَهُ**

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed &
Family, Jamat Ahmadiya Bhadrak (Odisha)

ଆବଶ୍ୟକତା ପଡୁଥିଲା ସେହି କାମ ମୁଁ ସ୍ୱର୍ଗତ ୟାକୁବ୍ ସାହେବଙ୍କ ମାଧ୍ୟମରେ ହିଁ ସମ୍ପାଦନ କରାଉଥିଲି । ଆପଣଙ୍କର ବ୍ୟକ୍ତିତ୍ୱ ଅତି ବିଶ୍ୱାସପୂର୍ଣ୍ଣ ଓ ଭରସାଯୋଗ୍ୟ ଥିଲା । ଖିଲାଫତ୍ ପରେ ତ' ମୋ ସହିତ ସ୍ୱର୍ଗତଙ୍କ ସଂପର୍କ ଏପରି ନିବିଡ଼ ରୂପେ ଗଢି ଉଠିଥିଲା ଯେ, ସେହି ସଂପର୍କ ସର୍ବୋଚ୍ଚ ନିଷ୍ଠା ଏବଂ ସର୍ବୋଚ୍ଚ ସ୍ତରକୁ ସ୍ପର୍ଶ କରୁଥିଲା। ଜମାଅତ୍ ଏବଂ ଖିଲାଫତ୍ ପାଇଁ ଆପଣ ସ୍ୱାଭିମାନୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ମାତାଶ୍ରୀ ମହୋଦାୟା କୁହନ୍ତି: "ମୋର ସୁପୁତ୍ର ଅତ୍ୟନ୍ତ ଆଜ୍ଞାନୁବର୍ତ୍ତୀ ତଥା ଆଜ୍ଞାକାରୀ ପୁତ୍ର ଥିଲା । ପିଲାଟି ଦିନରୁ ହିଁ ସେ ମୋର ଦେଖାଶୁଣା କରୁଥିଲା ଏବଂ ହଜ୍ କରିବା ନିମନ୍ତେ ଯେତେବେଳେ ସେ ଇଚ୍ଛା ପ୍ରକାଶ କଲା ସେତେବେଳେ ମୋତେ (ମାତାଶ୍ରୀଙ୍କୁ) କହିଲା, ମାତା ! ଆପଣ ଆଗ ହଜ୍ କରନ୍ତୁ । ଅତଏବ୍ ମୋ ପୁତ୍ର ପରେ ହଜ୍‌କୁ ଗଲା । ମୋ ପୁତ୍ର ମୋତେ କେବେ ବି ଏକୁଟିଆ ଛାଡ଼ି ନାହିଁ । ସର୍ବଦା ନିଜ ସହିତ ମୋତେ ରଖିଥିଲା ।"ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ୟାକୁବ୍ ସାହେବଙ୍କ ପତ୍ନି କୁହନ୍ତି: "ମୋ ସ୍ୱାମୀ ମୋତେ ଏବଂ ସନ୍ତାନମାନଙ୍କୁ ଖୁବ୍ ଭଲ ପାଉଥିଲେ ଏବଂ ଆପଣ ଜଣେ ଦାୟିତ୍ୱବାନ୍ ସ୍ୱାମୀ ଥିଲେ। ସନ୍ତାନମାନଙ୍କ ନିମନ୍ତେ ପିତୃବତ୍ସଳ ପିତା ଥିଲା । ସେ ନିଜର ସନ୍ତାନମାନଙ୍କୁ ସର୍ବଦା ଏହା ଉତ୍ସାହିତ କରୁଥିଲେ ଯେ, ଜମାଅତ୍ ନିମନ୍ତେ ବଳିଦାନ ଉପସ୍ଥାପିତ କରିବା ଉଚିତ୍ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ସୁପୁତ୍ର ଉଲ୍ଲେଖ କରନ୍ତି ଯେ: "ପିତାଶ୍ରୀ ସର୍ବଦା ଆମମାନଙ୍କର ବିଶ୍ୱାସ ଏବଂ ଅହମଦିୟତ୍‌କୁ ସଶକ୍ତ ମୂଳଦୁଆ ଉପରେ ସଳଖ ରୂପେ ଛିଡ଼ା କରାଇଥିଲେ । ପିତାଶ୍ରୀ ଆମମାନଙ୍କୁ ଧର୍ମ ସହିତ ସଂଶ୍ଳିଷ୍ଟ ରହିବାର ମହତ୍ତ୍ୱ ସଂପର୍କରେ ଶିକ୍ଷା ପ୍ରଦାନ କରିଥିଲେ ଏବଂ ପ୍ରତ୍ୟେକ ପାଦରେ ଆମମାନଙ୍କର ମାର୍ଗଦର୍ଶନ ମଧ୍ୟ କରିଥିଲେ । ପିତାଶ୍ରୀଙ୍କ ବିଶ୍ୱାସ ଆମ ସମଗ୍ର ବଂଶ ପାଇଁ ଏକ ମାର୍ଗର ମଶାଲ୍ ସଦୃଶ ଅଟେ । ପିତାଶ୍ରୀ ନମାଜେ ଫଜର୍, ନମାଜେ ତହଜ୍ଜୁଦ୍ ନିମନ୍ତେ ଆମମାନଙ୍କୁ ନିଦରୁ ଉଠାଉଥିଲେ ଏବଂ ରମଜାନ୍ ମାସରେ ତ' ବିଶେଷ କରି ଧ୍ୟାନ ରଖୁଥିଲେ ଯେ, ପ୍ରତ୍ୟେକ ସୋମବାର ଏବଂ ଗୁରୁବାର ଦିନ ନଫ୍‌ଲି ରୋଜା ରଖୁଥିଲେ। ପିତାଶ୍ରୀଙ୍କ ହୃଦୟ ବିନୀତତା ଓ ବିନମ୍ରତା ଦ୍ୱାର ପରିପୂର୍ଣ୍ଣ ଥିଲା । ପ୍ରତ୍ୟେକ ବ୍ୟକ୍ତି ସହିତ ଆପଣ ସମ୍ମାନପୂର୍ବକ ବ୍ୟବହାର ପ୍ରଦର୍ଶନ କରୁଥିଲେ। ସ ପଛେ ପିତାଶ୍ରୀଙ୍କ ଅଧୀନସ୍ଥ କର୍ମାଚାରୀ ହେଉ ନା କାହିଁକି ପିତାଶ୍ରୀ ତା' ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ କରୁଥିଲେ । ପିତାଶ୍ରୀ ଜଣେ ସ୍ମିତହାସ୍ୟ ପ୍ରକାଶକାରୀ ବ୍ୟକ୍ତି ଥିଲେ। ପିତାଶ୍ରୀଙ୍କ ମୁଖରେ ସର୍ବଦା ହସ ବିଦ୍ୟମାନ ରହୁଥିଲା ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ୟାକୁବ୍ ସାହେବଙ୍କର ଭାଇ ସଇଦ୍ ବିନ୍ ଅବୁ ବକ୍କର ସାହେବ କୁହନ୍ତି ଯେ: "ପିତାଶ୍ରୀଙ୍କ ବିୟୋଗ ପରେ ସେ ଅର୍ଥାତ୍ ମୋ ଭାଇ ସ୍ୱର୍ଗତ ୟାକୁବ୍ ସାହେବ ମୋର ଲାଳନ ପାଳନ କଲେ ଏବଂ ଜଣେ ପ୍ରକୃତ ପିତାଙ୍କ ପରି ସେ ମୋତେ ପାଳିଥିଲେ, ମୋର ଯତ୍ନ ନେଇଥିଲେ, ମୋତେ ସଂସ୍କାର ପ୍ରଦାନ କଲେ, ନମାଜ୍ ଆଡ଼କୁ ମୋର ଧ୍ୟାନ ଆକର୍ଷଣ କଲେ ଓ ପ୍ରତ୍ୟେକ ପ୍ରକାରରୁ ସେ ମୋର ଆବଶ୍ୟକତାକୁ ପୂରଣ କିରଥିଲେ ।"

ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ସେହିପରି ସ୍ୱର୍ଗତଙ୍କର ସନ୍ତାନ ସନ୍ତତିକୁ ମଧ୍ୟ ସ୍ୱର୍ଗତଙ୍କ ପରି ବିଶ୍ୱସ୍ତତା, ନିଷ୍ଠା ଓ ପୁଣ୍ୟରେ ଅଗ୍ରସର ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍ । (ଅଲ୍‌ଫଜଲ୍ ଇଣ୍ଟର ନ୍ୟାସ୍‌ନଲ୍, 2 ଅଗଷ୍ଟ 2025 ମସିହା, ପୃ-2-8)**

☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମା 30-5-2025ର ଅବଶିଷ୍ଟାଂଶ....

କି ସଂସାରରେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଧ୍ୱଜା ପ୍ରତ୍ୟେକ ସ୍ଥାନରେ ଉଡୁଅଛି ଏବଂ ଆଁହଜରତ ସ.ଅଙ୍କ ଦାସତ୍ୱରେ ଲୋକମାନେ ଦଳବଦ୍ଧ ଆକାରାରେ ଇସ୍‌ଲାମ୍ ଧର୍ମର ପ୍ରବିଷ୍ଟ ହେଉଛନ୍ତି ଏବଂ ଅଲ୍ଲାଃତାଲାଙ୍କ ପୂର୍ଣ୍ଣ ଆଜ୍ଞାକାରୀ ଲୋକମାନଙ୍କ ମଧ୍ୟରୁ ଜଣେ ହେବା ନିମନ୍ତେ ଆମେମାନେ ଉଦ୍ୟମ କରୁଅଛୁ । ଯେତେବେଳେ ଏପରି ହେବ ସେତେବେଳେ ଯାଇ ସେହି ଦିନ ହିଁ ଆମମାନଙ୍କ ନିମନ୍ତେ ଆନନ୍ଦ ଓ ଉଲ୍ଲାସର ଦିନ ସାବ୍ୟସ୍ତ ହେବ, ସେହି ଦିନ ହିଁ ଆମମାନଙ୍କ ନିମନ୍ତେ ଏପରି କଲ୍ୟାଣମୟ ଦିନ ସାବ୍ୟସ୍ତ ହେବ ଯେତେବେଳେ ଆମେମାନେ କହିବୁ କି ଖିଲାଫତ୍‌ର ଯେଉଁ ଅଙ୍ଗୀକାର ଅଲ୍ଲାଃତାଲା କରିଥିଲେ ସେହି କଲ୍ୟାଣରୁ ଆଜି ଆମେମାନେ ଉପକୃତ ହେଉଅଛେ । ସେହି ଦିନ ହିଁ ସଂସାରକୁ ବିନାଶରୁ ରକ୍ଷାକାରୀ ଦିନ ସାବ୍ୟସ୍ତ ହେବ । ଅଲ୍ଲାଃତାଲା ଆମମାନଙ୍କୁ ନିଜର ଆତ୍ମସଂଶୋଧନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସନ୍ଦେଶକୁ ସମଗ୍ର ସଂସାରରେ ପହଞ୍ଚାଇବା ଏବଂ ପରିବ୍ୟାପ୍ତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ଦୁଇଟି ନମାଜ ଯନାଜାଃ ମଧ୍ୟ ପାଠ କରାଇବି । **ପ୍ରଥମ** ଯନାଜାଃ ହେଉଛି ଶ୍ରୀଯୁକ୍ତ ସ୍ୱର୍ଗତ କର୍ଣ୍ଣଲ୍ ଡାକ୍ତର ପିର ମୁହମ୍ମଦ ମୁନିର୍ ସାହେବଙ୍କର । ଆପଣ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ର ଆଡ଼ମିନିଷ୍ଟ୍ରେଟର ମଧ୍ୟ ରହିଥିଲେ । ବିଗତ ଦିନରେ 85 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ମୁହମ୍ମଦ ମୁନିର୍ ସାହେବ ଓସିୟତ୍ କରିଥିଲେ । 1963 ମସିହାରେ ଡାକ୍ତର ସାହେବ ନିଜେ ବୈଅତ୍ କରି ଜମାଅତ୍ ଅହମଦିୟାରେ ସାମିଲ୍ ହୋଇଥିଲେ । ଏତଦ୍‌ପରେ 1967 ମସିହାରେ ଆପଣ ଓସିୟତ୍ ବ୍ୟବସ୍ଥାରେ ସାମିଲ୍ ହୋଇଥିଲେ । 1991 ମସିହାରେ ଆପଣଙ୍କ କର୍ମ ତଥା ଆଚରଣକୁ ଦେଖି ଆପଣଙ୍କ ମାତାପିତାମାନେ ମଧ୍ୟ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସ୍ୱର୍ଗତ କର୍ଣ୍ଣଲ୍ ପିର୍ ମୁହମ୍ମଦ ମୁନିର୍ ସାହେବ ଚାକିରୀ ଅର୍ଥାତ୍ କର୍ମମୟ ଜୀବନରୁ ଅବସର ନେବାପରେ ନାଏବ୍ ଅମୀର ରୂପେ ମୁଲ୍‌ତାନ୍ ଜିଲ୍ଲାରେ ମଧ୍ୟ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ। 2004 ମସିହାରେ ଆପଣ ରବ୍‌ୱା ସ୍ଥାନାନ୍ତରିତ ହୋଇଯାଇଥିଲେ। ପୁନଶ୍ଚ ଆପଣ ୱକ୍‌ଫ୍ ପରେ ଅବସର ଗ୍ରହଣ କରିଥିଲେ । ଅବସର ପରେ ଆପଣଙ୍କୁ ନୁର୍ ହସ୍ପିଟାଲ୍‌ରେ ନିୟୋଜିତ କରାଗଲା । ସେଠାରେ ଆପଣ ଜେନେରାଲ୍ ଫଜିଶିୟାନ୍ ଭାବରେ ଦାୟିତ୍ୱ ତୁଲାଇଥିଲେ । ପୁନଶ୍ଚ କିଛି କାଳ ପରେ ତାଙ୍କୁ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ର ଆଡ଼ମିନିଷ୍ଟ୍ରେଟର କରାଗଲା । ଉକ୍ତ ପଦବୀରେ ମଧ୍ୟ ଆପଣ 22 ବର୍ଷ କାଳ ପର୍ଯ୍ୟନ୍ତ ଅତ୍ୟନ୍ତ ନିଷ୍ଠାପୂର୍ଣ୍ଣ, ଉଦ୍ୟମ ଓ ସହାନୁଭୂତିପୂର୍ଣ୍ଣ ସହକାରେ ସେବା କରିଥିଲେ ଓ ନିଜର କର୍ତ୍ତବ୍ୟକୁ ସଠିକ୍ ଭାବରେ ଆପଣ ସମ୍ପାଦନ ମଧ୍ୟ କରିଥିଲେ। 2017 ମସିହାରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ତାଙ୍କୁ ଆଡ଼ମିନିଷ୍ଟ୍ରେଟର ପଦରୁ ହଟାଇ ଦିଆଯାଇଥିଲା । କିନ୍ତୁ ତଥାପି ଆପଣ ଡାକ୍ତରଖାନାରେ ଜଣେ ଡାକ୍ତର ହିସାବରେ ସେବା କରୁଥିଲେ । ଇ.ଏନ୍.ଟି ବିଭାଗରେ ସେ କାର୍ଯ୍ୟ କରିଥିଲେ। ଜମାଅତ୍ ନିମନ୍ତେ ଆପଣ ୱକ୍‌ଫେ ଜିନ୍ଦିଗୀ ହିସାବରେ ଦୀର୍ଘ 19 ବର୍ଷ କାଳ ସେବା କରିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ପତ୍ନି ଅମତୁଲ୍ ମାଲିକ୍ ସାହେବା ଯେକି ହ. ଡାକ୍ଟର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବଙ୍କର ନାତୁଣୀ ଅଟନ୍ତି । ସେ କୁହନ୍ତି ଯେ: "ସ୍ୱାମୀ ମହୋଦୟ ଅତ୍ୟନ୍ତ ପିତୃବତ୍ସଳ ପିତା, ପତ୍ନି ବତ୍ସଳ ସ୍ୱାମୀ ଏବଂ ସମଗ୍ର ପରିବାରବର୍ଗଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରୁଥିଲେ । ଜମାଅତ୍ ଅହମଦିୟା, ଖିଲାଫତ୍ ସହିତ ଆପଣଙ୍କର ଘନିଷ୍ଠ ସଂପର୍କ ରହିଥିଲା । ଆପଣ କୁହନ୍ତି: "ନିଜର ୱକ୍‌ଫ୍‌କୁ ଆପଣ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ସଂପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍" । ସ୍ୱାମୀଙ୍କ ସହିତ ମୋର ସଂପର୍କ ଦୀର୍ଘ 60 ବର୍ଷ ପର୍ଯ୍ୟନ୍ତ ରହିଥିଲା। ଆପଣ ବିନୀତ ଓ କୋମଳ ସ୍ୱଭାବର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଆପଣ ସମସ୍ତଙ୍କର ଯତ୍ନ ନେଉଥିଲେ ଏବଂ ଯତ୍ନ ନେବା ନିମନ୍ତେ ଆପଣ ପୂର୍ଣ୍ଣ ଉଦ୍ୟମ କରୁଥିଲେ । ଆପଣ ମୋର ଭାଇ ଭାଉଣୀ, ନିଜର ମାତାପିତାଙ୍କର ବରାବର ଯତ୍ନ ନେଇଥିଲେ । ମାନବିକାତକୁ ଆପଣ ସମସ୍ତ ବସ୍ତୁ ଉପରେ ଅଗ୍ରାଧିକାର ପ୍ରଦାନ କରୁଥିଲେ । ଡିୟୁଟିରୁ ଯେତେବେଳେ ଘରକୁ ବିଳମ୍ବରେ ଫେରୁଥିଲେ ଏବଂ ତାଙ୍କୁ ଯେତେବେଳେ ବି ପଚାର ସେତେବେଳେ ସେ କହୁଥିଲେ ଯେ, ଲୋକମାନଙ୍କର କାର୍ଯ୍ୟ ଫାଇଲ୍ ସହିତ ରହିଛି । ଯେତେବେଳେ ଇଚ୍ଛା ହେବ ସେମାନେ ଫାଇଲ୍ ବନ୍ଦ୍ କରିଦେଇ ପାରନ୍ତି । କିନ୍ତୁ ମୋର କାମ ମନୁଷ୍ୟମାନଙ୍କ (ଲୋକମାନଙ୍କ) ସହିତ ରହିଛି । ମୁଁ ଏମାନଙ୍କ ଅପେକ୍ଷା ଡବଲ୍ କାମ ଓ ଡବଲ ଡିୟୁଟି କରିଥାଏ ଏବଂ ଏମାନଙ୍କର ଆବଶ୍ୟକତା ପ୍ରତି ମୁଁ ବିଶେଷ ଯତ୍ନବାନ ଅଟେ। ଏପରି କରିବା ମୋର ପରମ କର୍ତ୍ତବ୍ୟ ଅଟେ । ପତ୍ନି ମହୋଦୟା କୁହନ୍ତି ଯେ, ଦିନେ ସ୍ୱର୍ଗତ ସ୍ୱାମୀ ମହୋଦୟ ବିଳମ୍ବରେ ଘରକୁ ଫେରିଲେ । ମୁଁ ଯେତେବେଳେ ପଚାରିଲି ଯେ, ଆଜି ଏତେ ବିଳମ୍ବ (ଲେଟ୍) କାହିଁକି ହେଲା ? ପ୍ରତ୍ୟୁତ୍ତରରେ ସ୍ୱାମୀ ମହୋଦୟ କହିଲେ, ଜଣେ ଅନ୍ୟ ହସ୍ପିଟାଲର ସଫେଇ କର୍ମଚାରୀ ଥିଲା । ତା'ର ଅପରେସନ ଥିଲା । ତା'ର ଦେଖାଶୁଣା କରିବା ନିମନ୍ତେ କେହି ବି ନଥିଲା । ତେଣୁ ମୁଁ ତା' ପାଖରେ ବସି ରହିଲି ଓ ତା'ର ଦେଖାଶୁଣା ଟିକେ କରିଦେଲି । ମୋ ସ୍ୱାମୀ ତହଜ୍ଜୁଦ୍ ପ୍ରିୟ, ତହଜ୍ଜୁଦ୍ ନମାଜ୍‌ର ନିୟମାନୁବର୍ତ୍ତୀ ଥିଲେ, ନିୟମିତ ରୋଜା ରଖୁଥିଲେ ଓ ଅନ୍ୟାନ୍ୟ ପାଞ୍ଚବେଳା ନମାଜ୍ ମଧ୍ୟ ପାଠ କରୁଥିଲେ । ସେ ପ୍ରତ୍ୟେକ ଗୁରୁବାର ଦିନ ରୋଜା ରଖୁଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ କହିଲି କି ସ୍ୱର୍ଗତ ମହୋଦୟଙ୍କ କର୍ମ ଏବଂ ଆଚରଣକୁ ଦେଖି ତାଙ୍କର ଅଭିଭାବକମାନେ 1991 ମସିହାରେ ବୈଅତ୍ କରି ନେଇଥିନଲେ । ସ୍ୱର୍ଗତଙ୍କ ମାତାଶ୍ରୀ ମହୋଦୟା କୁହନ୍ତି ଯେ, ଆମେମାନେ ଏହା ଭାବୁଥିଲୁ ଯେ, ଅହମଦିମାନେ ନାଉଜୁବିଲ୍ଲାଃ ରସୁଲୁଲ୍ଲାଃ ସ.ଅଙ୍କୁ ସ୍ୱୀକାର କରନ୍ତି ନାହିଁ ଏବଂ ଅହମଦିମାନେ କେବଳ ମିର୍ଜା ଗୁଲାମ୍ ଅହମଦ ସାହେବଙ୍କୁ ହିଁ ସ୍ୱୀକାର କରନ୍ତି । ମୋତେ ଏକଥା ଆଦୌ ପସନ୍ଦ ନଥିଲା । କିନ୍ତୁ ମୁଁ ଯେତେବେଳେ ଦେଖିଲି କି ମୋ ପୁତ୍ର ନମାଜ୍ ତହଜ୍ଜୁଦ୍ ନିୟମିତ ପାଠ କରୁଛି ଏବଂ ନମାଜର ନିୟମାନୁବର୍ତ୍ତୀ ଅଟେ । ତେବେ ମୁଁ ଭାବିଲି ଯେ, ଅହମଦିମାନେ ଭୁଲ୍ ହୋଇପାରିବେ ନାହିଁ । ଏହିପରି ଭାବରେ **(ଅବଶିଷ୍ଟାଂଶ...ପୃ-12ରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 21 Aug 2025 Issue No. 34

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମା 30-5-2025ର ଅବଶିଷ୍ଟାଂଶ....

ସ୍ୱର୍ଗତଙ୍କ କର୍ମ ତଥା ସ୍ୱର୍ଗତଙ୍କ ବ୍ୟକ୍ତିଗତ ଆଚରଣ ହିଁ ସ୍ୱର୍ଗତଙ୍କ ଅଭିଭାବକମାନଙ୍କୁ ଜମାଅତ୍‌ରେ ସାମିଲ୍ ଏବଂ ପ୍ରବିଷ୍ଟ କରାଇବାର କାରଣ ସାଜିଲା । ଯେହେତୁ ସ୍ୱର୍ଗତ ମହୋଦୟ ନିଜେ ଅନୁସନ୍ଧାନ ଏବଂ ଗବେଷଣା କରି ଅହମଦି ହୋଇଥିଲେ, ସେଇଥି ପାଇଁ ଆପଣ ଜଣେ ବ୍ୟବହାରିକ ଏବଂ କାର୍ଯ୍ୟାନୁସରଣକାରୀ ଅହମଦି ଥିଲେ । ଆପଣ ଖିଲାଫତ୍ ସହିତ ପ୍ରେମ ଓ ଆନ୍ତରୀକତାପୂର୍ଣ୍ଣ ସଂପର୍କ ରଖିଥିଲେ। ସର୍ବଦା ନିଜକୁ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରଖିଥିଲେ ଏବଂ ସର୍ବଦା ନିଜର ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ନିମନ୍ତେ ମଧ୍ୟ ଅନୁପ୍ରାଣିତ କରୁଥିଲେ ଏବଂ କହୁଥିଲେ ଯେ, ଯେକୌଣସି କଷ୍ଟ ସମସ୍ୟା ସମୟ ଥାଉ ନା କାହିଁକି କିନ୍ତୁ ତୁମେମାନେ ସର୍ବଦା ଉପସ୍ଥିତ ଖଲିଫାଙ୍କୁ ପତ୍ର ଲେଖୁଥିବ । ସେ ସେବା କରିବା ନିମନ୍ତେ କୌଣସି ପଦର ଲାଳସା ରଖି ନଥିଲେ । ବରଂ ମୋତେ ମଧ୍ୟ ସେ ଏହା ହିଁ ଲେଖିଥିଲେ ଯେ, ହୁଜୁର ମୁଁ ପଦ ପଦବୀର ଲାଳସା ରଖୁ ନାହିଁ ଓ ପଦ ପଦବୀର ଅଭିଳାଷୀ ତଥା ଆଶାବାଦୀ ନୁହେଁ । ଆପଣ ମୋତେ ଯେଉଁଠି ବି ନିଯୁକ୍ତ କରିବେ, ଯେଉଁ ସେବା କରିବା ନିମନ୍ତେ ଆପଣ ମୋତେ ନିୟୋଜିତ କରିବେ ମୁଁ ସେହି ଦାୟିତ୍ୱକୁ ଅତ୍ୟନ୍ତ ଅଗ୍ରହ ଓ ସହସ୍ୟରେ ସମ୍ପାଦନ କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାରବର୍ଗ ମଧ୍ୟରେ ପତ୍ନୀ, ତିନୋଟି ପୁତ୍ର ସନ୍ତାନ ଓ ପୌତ୍ର ପୋତ୍ରୀମାନେ ଅନ୍ତର୍ଭୁକ୍ତ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ । **(ଅବଶିଷ୍ଟାଂଶ................ପରବର୍ତ୍ତୀ ସଂଖ୍ୟାରେ)**

ସ୍ତମ୍ଭ-01ରେ ବର୍ଣ୍ଣିତ ଖୁତ୍‌ବା ଜୁମା 30-5-2025ର ଅବଶିଷ୍ଟାଂଶ....

## କାଦିୟାନ୍ ସ୍ଥିତ ନୁର୍ ହସ୍ପିଟାଲ୍ ପାଇଁ ଜଣେ ସଫ୍ଟୱେୟାର୍ ଇଞ୍ଜିନିୟରର ଆବଶ୍ୟକତା ରହିଛି

**ଆବଶ୍ୟକୀୟ ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା/ ଅଭିଜ୍ଞତା**

(1) ପ୍ରାର୍ଥୀ ଜଣକ କମ୍ପ୍ୟୁଟର କ୍ଷେତ୍ରରେ ଅନ୍ତତଃ UG/PG ଡିଗ୍ରୀଧାରୀ ହୋଇଥିବା ଉଚିତ୍ ।

(2) ଜରୁରୀକାଳୀନ ପରିସ୍ଥିତିରେ କମ୍ପ୍ୟୁଟରର ସମସ୍ୟା ନିଜେ ସମାଧାନ କରିବା ନିମନ୍ତେ Coding and Syntax + Semanticsର ଭଲ ଭାବରେ ଜ୍ଞାନର ଅଧିକାରୀ ହୋଇଥିବା ଉଚିତ୍ ।

(3) Coding and Software Developmentରେ ଅନ୍ତତଃ ଦୁଇ ବର୍ଷ ଅଭିଜ୍ଞତା ଥିବା ଉଚିତ୍।

(4) ପ୍ରାର୍ଥୀର ବୟସ 30 ବର୍ଷରୁ ଊର୍ଦ୍ଧ୍ୱ ବୟସ ହୋଇ ନଥିବା ଉଚିତ୍ ।

(5) ପ୍ରାର୍ଥୀ ଜଣକ ସ୍ୱାସ୍ଥ୍ୟବାନ୍ ହେବା ଉଚିତ୍ । ପ୍ରାର୍ଥୀର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ (ଭଲ) ହେବା ଉଚିତ୍ । ପ୍ରାର୍ଥୀ ଜଣକ ଶିଷ୍ଟ ଓ ସଭ୍ୟ ହୋଇଥିବା ଉଚିତ୍। ରୋଗୀମାନଙ୍କର ସେବା କରିବା ସହିତ ସେମାନଙ୍କ ପ୍ରତି କୋମଳ ବ୍ୟବହାର ପ୍ରଦର୍ଶ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ନିର୍ଦ୍ଦେଶାବଳୀ:-**

(1) ସାପ୍ତାହିକ ବଦରରେ ଉକ୍ତ ବିଜ୍ଞାପନ ପ୍ରକାଶିତ ହେବାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର/ସ୍ଥାନୀୟ ଅମୀର୍/ସଦର୍ ଜମାଅତ୍/ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୃଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ: 9682587713 ,9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## କାଦିୟାନ୍ ସ୍ଥିତ ସୌନ୍ଦର୍ଯ୍ୟୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ୱରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାର ସ୍ୱୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବତ୍ସଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan